## ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ରମ୍ଭା, ୨୫ ।୨(ସମିସ):** ସ୍ଥାନୀୟ ଥାନା ଇଲାକା ପାଲୁର କ୍ଲଷ୍ଟର ଅଧିନସ୍ଥ ଆର. ବିଞ୍ଝଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶେଷଦେବ ବେହେରାଙ୍କୁ ଗଞ୍ଜାମ ବ୍ଲକ ପାଇଁ ଶ୍ରେଷ୍ଠ ଏଲିମେଣ୍ଟାରି ପ୍ରାଥମିକ ଶିକ୍ଷକ ରୂପେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ଛତ୍ରପୁର ଷ୍ଟାଡିୟମରେ ଗଞ୍ଜାମ ଜିଲ୍ଲାସ୍ତରୀୟ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଆସିକା ସାଂସଦ ପ୍ରମିଳା ବିଷୋୟୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଏଡିଇଓ ପବିତ୍ର ମୋହନ ବେହେରା ଓ ରାଜେଶ କୁମାର ପ୍ରଧାନ, ଡିଆଇଟି ପ୍ରିନ୍ସିପାଲ ଡ.ସନ୍ତୋଷ ପରିଡ଼ା ପ୍ରମୁଖ ଯୋଗଦେଇ ଶ୍ରୀ ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରିଥିଲେ । ଶ୍ରୀ ବେହେରା ୨୦୨୦ ରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାର ପାଇଥିଲେ । ଏହା ଛଡା ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ଅବଦାନ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି ।

## କଲଭର୍ଟର ଭିତ୍ତିପ୍ରସ୍ତର ସ୍ଥାପନ



**କବିସୂର୍ଯ୍ୟନଗର, ୨୫ ।୨(ସମିସ):** କବିସୂର୍ଯ୍ୟନଗର ଗୋଲାମୁଣ୍ଡୁଳା ଠାରେ ଖଲ୍ଲିକୋଟ -କବିସୂର୍ଯ୍ୟନଗର-ଆସିକା-ବାଲିପଦର-ବେଲଗୁଣ୍ଠା ରାସ୍ତାର ନୂତନ ବକ୍ସ କଲଭର୍ଟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ । ଏହି ଅବସରରେ ଜିଲ୍ଲା ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଅଶ୍ୱିନୀ ସ୍ୱାଇଁ, ଜିଲ୍ଲା ଉପସଭାପତି ଦିଲ୍ଲୀପ ପାଣିଗ୍ରାହୀ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ବିଜେଡି ଜିଲ୍ଲା ସମ୍ପାଦକ ଅଭିମନ୍ୟୁ ନାହାକ, ଜିଲ୍ଲା ପରିଷଦ ବଳରାମ ପ୍ରଧାନ, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଯନ୍ତ୍ରୀ ପୃଷ୍ଟିବାବୁ, ଆସିକା ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ସୁନାରିଝୋଳ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ଭୂୟାଁ, ଜିଲ୍ଲା ପରିଷଦ ସଭ୍ୟା ତଥା ପ୍ରାକ୍ତନ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ସ୍ୱାଇଁ, ନୀଳାଞ୍ଚଳ ମଣ୍ଡଳ, ବିପିନ ବିହାରୀ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ ।

## ୧ରୁ ମା' ରାମଚଣ୍ଡୀଙ୍କ ବାର୍ଷିକ ମହୋତ୍ସବ



**ଛତ୍ରପୁର, ୨୫ ।୨(ସମିସ):** ଗଞ୍ଜାମ ଜିଲ୍ଲା ଛତ୍ରପୁର ଉପକଣ୍ଠ ନୀଳାଦ୍ରିପୁର ନିକଟ ରାମଚଣ୍ଡୀ ପୀଠରେ ମା' ରାମଚଣ୍ଡୀ ମହୋତ୍ସବ ୨୦୨୪ ମାର୍ଚ୍ଚ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏସମ୍ପର୍କରେ ମା ରାମଚଣ୍ଡୀ ଟ୍ରଷ୍ଟ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ମା'ଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବକୁ ମା'ରାମଚଣ୍ଡୀ ମହୋତ୍ସବ ୨୦୨୪ ରୂପେ ପାଳନ କରିବାକୁ ଏହି ନିଷ୍ପତି ହୋଇଛି ଏହି ମହୋତ୍ସବ ପଣ୍ଡିତ ସିମାଞ୍ଚଳ ତ୍ରିପାଠୀଙ୍କ ଅଧ୍ୟକ୍ଷତା ଓ ପଣ୍ଡିତ ବିଜୟ କୁମାର ତ୍ରିପାଠୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହେବ । ୩ ଦିନ ଧରି ସ୍ଥାନୀୟ, ବ୍ରହ୍ମପୁର, ଜିଲ୍ଲା ଓ ରାଜ୍ୟ ସ୍ତରର କଳାକାର ମାନଙ୍କ ପକ୍ଷରୁ ଲୋକ କଳା, ଲୋକ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି କଳାକାର ତାରିକ ଅଜିଜ, ଶୀତଲ କବି ଓ ଗଣେଷ ପଟ୍ଟନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ର ମୁଖ୍ୟ ଆକର୍ଷଣ ହେବେ । ୧ ତାରିଖରେ ଦେବୀଙ୍କ ମହାସ୍ନାନ, ଷୋଡଶ ଉପଚାର ପୂଜା, ଅଧିବାସ, ଜଳଯାତ୍ରା, ୨ତାରିଖରେ ଅଷ୍ଟ ପ୍ରହରୀ ନାମଯଜ୍ଞ, ଚଣ୍ଡୀ ପାଠ ଏବଂ ୩ ତାରିଖରେ ପୂର୍ଣ୍ଣାହୁତି ଓ ଯମୁନା ସ୍ନାନ ଅନୁଷ୍ଠିତ ହେବ ସାମାଜିକ କ୍ଷେତ୍ରରେ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ କମିଟିର କାର୍ଯ୍ୟକାରୀ ସଭାପତି ବସନ୍ତ ମହାରଣା, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ସଂଯୋଜକ କମଳ ପଣ୍ଡା, ଉପସଭାପତି କ୍ଷୀରୋଦ ସାହୁ ଓ ସନ୍ତୋଷ ପାଢ଼ୀ, ପ୍ରମୋଦ ସାହୁ, ଉପଦେଷ୍ଟା ରବୀନ୍ଦ୍ର ନାଥ ପଣ୍ଡା, ଶତ୍ରୁଘ୍ନ ମହାକୁଡ, କାମାକ୍ଷା ପ୍ରାସାଦ ପଣ୍ଡା, ତୁଷାର ଶତପଥି, ତିରୁପତି ବାଲାଜୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଅସମୟର ବନ୍ଧୁ ଅଟୋ ଚାଳକ ଗଗନ

# ଗର୍ଭବତୀ ଓ ଦିବ୍ୟାଙ୍ଗଙ୍କୁ ମାଗଣାରେ ଯୋଗାନ୍ତି ଜରୁରିକାଳୀନ ସେବା

- ନିଜ ଆଟୋରେ ମେଡିକାଲ ନିଅନ୍ତି, ସଭିଁଙ୍କ ମନ ଜିଣନ୍ତି
- ୯ ବର୍ଷ ହେବ ସହରରେ ନିରନ୍ତର ସେବା ଯୋଗାଉଛନ୍ତି




**ବ୍ରହ୍ମପୁର, ୨୫ ।୨(ସମିସ)**

ଦୁନିଆରେ ଏମିତି ବି କିଛି ଲୋକ ଅଛନ୍ତି ସେମାନେ ଅନ୍ୟର କଷ୍ଟ ଓ ଦୁଃଖକୁ ନିଜର ମନେକରି ସାହାଯ୍ୟର ହାତ ବଢ଼ାଇଥାନ୍ତି । ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଗେଟ୍ ବଜାର ସ୍ଥିତ ବିଷ୍ଣୁ ନଗର ଦ୍ୱିତୀୟ ଲାଇନର ଗଗନ କୁମାର ପାତ୍ର । ଗଗନ ବିଭିନ୍ନ ସମୟରେ ରାସ୍ତାରେ ଗର୍ଭବତୀ ଓ ଦିବ୍ୟାଙ୍ଗମାନଙ୍କୁ ନିଜ ଆଟୋରେ ମାଗଣାରେ ମେଡିକାଲରେ ପହଞ୍ଚାଇ ଏକ ଉଦାହରଣ ସାଜିଛନ୍ତି । ଦୀର୍ଘ ୯ବର୍ଷ ତଳେ ଗଗନ ବ୍ରହ୍ମପୁର ସହରରେ ଏହି ସେବା ଆରମ୍ଭ କରିଥିଲେ । ତାଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି କିପରି ଜଣେ ଗର୍ଭବତୀ ଓ ରୋଗୀ ଠିକ୍ ସମୟରେ ଡାକ୍ତରଖାନରେ ପହଞ୍ଚିପାରିବ । ସେ ଏପରି କରିବା ପଛର ମୁଖ୍ୟ କାରଣ ଅନେକ କିଛି ରହିଛି । ୨୦୧୫ମସିହାରେ ଗଗନ କୁମାର ପାତ୍ର ଡାଲା ଆଟୋ ଭଡାରେ ଚଳାଉଥିଲେ । ହଠାତ୍ ରାତି ଅଧରେ ପୁଅ ଦେହ ଗୁରୁତର ହୋଇପଡ଼ିଥିଲା । ଡାକ୍ତରଖାନା ଯିବାକୁ ସେ ବହୁ ଚେଷ୍ଟା କରିଥିଲେ । ଅନେକ ଗାଡ଼ି ସହ ଯୋଗଯୋଗ କଲେ । କିନ୍ତୁ ସମ୍ଭବପର ହୋଇନଥିଲା । ଶେଷକୁ ମୁଖ୍ୟ ରାସ୍ତା ଦେଇ ପାର ହେଉଥିବା ଜଣେ ଅଣ ଓଡିଆ ଟ୍ରକ ଡ୍ରାଇଭର ତାଙ୍କୁ ପୁଅଙ୍କୁ ଆଣି ବଡ ଡାକ୍ତଖାନା ନିକଟରେ ପହଞ୍ଚାଇଥିଲା । ଏ ବାବଦକୁ ଗଗନ ଗାଡ଼ି ଡ୍ରାଇଭରଙ୍କୁ ୧୦୦ଟଙ୍କା ଯାଚିବାରୁ ଔଷଧ କିଣିବ ରଖ ବୋଲି କହି ଡ୍ରାଇଭର ଜଣଙ୍କ ତାଙ୍କୁ ଟଙ୍କା ଫେରାଇ ଦେଇଥିଲା । ସେବେଠାରୁ ଗଗନ ଏଭଳି ଜରୁରୀକାଳୀନ ସ୍ଥିତିରେ ପଡ଼ିଥିବା ରୋଗୀ, ସମ୍ପର୍କୀୟ, ଗର୍ଭବତୀ, ଗରିବମାନଙ୍କୁ ସହାୟତା କରିବା ପାଇଁ ନିଷ୍ପରି ନେଇଥିଲେ । ପରବର୍ତ୍ତୀ ସମୟରେ ନିଜେ ପାସେଞ୍ଜର ଆଟୋ କିଣି ଚଳାଇଲେ । ନିଜ ଆଟୋ ପଛପଟେ ସେ ଲେଖିଛନ୍ତି ଡେଲିଭରି କେସ ଫ୍ରି । ଏଭଳି ଗତ ୯ବର୍ଷ ମଧ୍ୟରେ ସେ ପ୍ରାୟ ୮ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସାହାଯ୍ୟ କରିଛନ୍ତି । ତାଙ୍କୁ ଏଭଳି କାର୍ଯ୍ୟରେ ଆକୃଷ୍ଟ ହୋଇ ଗେଟବଜାର, ଲାଞ୍ଜିପଲ୍ଲୀ, ଆଙ୍କୁଲି, ହନୁମାନ ବଜାର, ପୁରୁଣା ବ୍ରହ୍ମପୁର ସମେତ ସହରର ବିଭିନ୍ନ ଅଞ୍ଚଳର ପ୍ରାୟ ୫୩ଜଣ ଅଟୋଚାଳକ ମଧ୍ୟ ଏଭଳି ସେବାରେ ଗତ ୪ବର୍ଷ ହେଲାଣି ଗଗନଙ୍କ ସହ ଯୋଡି ହୋଇଛନ୍ତି । ଗଗନ ଓ ତାଙ୍କର ସାଥୀ ଯଦି ଦେଖନ୍ତି ବାଟରେ କେହି ବୃଦ୍ଧବୃଦ୍ଧା, ଗରିବ, ଅସହାୟ, ଦିବ୍ୟାଙ୍ଗ ଲୋକ ଚାଲି ଚାଲି ଆସୁଛି, ତେବେ ନିଜ ଅଟୋରେ ବସାଇ ଯଥାସମ୍ଭବ ଘରେ ବା ଘରକୁ ନିକଟ କୌଣସି ଛକରେ ଛାଡି ଦିଅନ୍ତି । ନିୟମିତ(ଭଡା ହେଉ ବା ସେୟାରିଂ) ଯାତ୍ରୀ ନେବା ଆଣିବା କଲା ବେଳେ ସମସ୍ତଙ୍କୁ ନିଜ ନମ୍ବର ଲେଖାଥିବା କାର୍ଡଟିଏ ଧରାଇ ଦିଅନ୍ତି । ଆଉ କୁହନ୍ତି ଯଦି ଏଭଳି କିଛି ଅସୁବିଧା ହୁଏ ତେବେ ମୋତେ ଜଣାଇବେ, ଯଥାସମ୍ଭବ ସହାୟତା ପାଇଁ ଚେଷ୍ଟା କରିବି । ସହାୟତା ପାଇଁ କୌଣସି ଗରିବ, ଜରୁରିକାଳୀନ ସ୍ଥିତିର ସହାୟତା କରିଥାନ୍ତି । ଯାହାକୁ ନେଇ ସହର ବାସୀ ଓ ବୁଦ୍ଧିଜୀବୀ ମହଲରେ ଗଗନ ଓ ତାଙ୍କ ସାଥୀଙ୍କୁ ବହୁ ପ୍ରଶଂସା କରାଯାଉଛି । ଅନ୍ୟପକ୍ଷରେ ସେ ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ଟଙ୍କା ଅଭାବରୁ ଅଧିକରୁ ଅଧିକ ଲୋକଙ୍କୁ ସେବା ଯୋଗାଇବା କଷ୍ଟକର ହୋଇପଡ଼ିଛି । ଯଦି କୌଣସି ବ୍ୟକ୍ତି କିମ୍ବା ପ୍ରଶଂସା ଏଥି ପାଇଁ ଯଦି ତାଙ୍କୁ କିଛି ସହଯୋଗ କରନ୍ତି । ତେବେ ସେ ଅଧିକ ଲୋକଙ୍କ ସହଯୋଗ କରି ପାରିଥାନ୍ତେ ବୋଲି ଗଗନ କୁହନ୍ତି ।

## ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟସ୍ତରୀୟ ସମ୍ମିଳନୀ




**ବ୍ରହ୍ମପୁର, ୨୫ ।୨(ସମିସ):** ସ୍ଥାନୀୟ ହିଲପାଟଣା ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ରବିବାର ଓଡ଼ିଶା ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମନ୍ୱୟ ସମିତିର ଉପସଭାପତି ଲକ୍ଷ୍ମୀ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆସିକା ସାଂସଦ ପ୍ରମିଳା ବିଷୋୟୀ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ପୂର୍ବତନ ସମ୍ପାଦକ ବ୍ରଜ କିଶୋର ନନ୍ଦ, ଅନ୍ୟତମ ବକ୍ତା ଭାବେ ଓଡ଼ିଶା ଅମଲା ସଂଘର ସାଧାରଣ ସମ୍ପାଦକ ନରସିଂହ ଆଚାରୀ ଯୋଗ ଦେଇଥିଲେ । ସମ୍ମିଳନୀ ଅଭ୍ୟର୍ଥନା କମିଟିର ଉପାଧ୍ୟକ୍ଷ ପ୍ରସନ୍ନ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ ବିବରଣୀ ଉପସ୍ଥାପନ କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା କର୍ମକର୍ତ୍ତା ମାନେ ସମ୍ମିଳନୀରେ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ୧୧ଜଣଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା ।ଏଥିରେ ଆସନ୍ତା ୨ବର୍ଷ ପାଇଁ ଓଡ଼ିଶା ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର କର୍ମକର୍ତ୍ତା ଚୟନ ହୋଇଥିଲେ । ସମନ୍ୱୟ ସମିତିର ରାଜ୍ୟ ସଭାପତି ଭାବେ ନାରାୟଣ ଦାଶଙ୍କୁ ଚୟନ କରାଯାଇଥିବା ବେଳେ ଅଧ୍ୟକ୍ଷ ସୁନନ୍ଦ କାନୁନ୍‌ଗୋ, ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଜ୍ଞାନ ରଞ୍ଜନ ଦାଶ, ବରିଷ୍ଠ ଉପ ସଭାପତି ପ୍ରଶାନ୍ତ କୁମାର ମିଶ୍ର, କୋଷାଧ୍ୟକ୍ଷ କିରଣ କୁମାର ପାଢ଼ୀ, ଶୃଙ୍ଖଳା କମିଟିର ଅଧ୍ୟକ୍ଷ ସୁକାନ୍ତ କୁମାର ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା । ପରିଶେଷରେ ଗଞ୍ଜାମ ଜିଲ୍ଲା ସମନ୍ୱୟ ସମିତିର ସଭାପତି ସୁଦାମ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିରଣ କୁମାର ପାଢ଼ୀ, ରାମଚନ୍ଦ୍ର ନାୟକ, ଏମ. ପର୍ଶୁରାମ ପାତ୍ର, ଶିବ ପ୍ରସାଦ ପାଣିଗ୍ରାହି, ଦିଲେଶ୍ୱ ଚୌଧୁରୀ, ମାଧୁରୀ ମହାନ୍ତି, ପ୍ରଶାନ୍ତ ମିଶ୍ର, ଦୀପକ ପଣ୍ଡାଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନର ସାମ୍ବାଦିକ ସମ୍ମିଳନୀ

**ବ୍ରହ୍ମପୁର, ୨୫ ।୨(ସମିସ):** ସ୍ଥାନୀୟ ପଣ୍ଡା କଲୋନୀ ସ୍ଥିତ ନବୀନ କାର୍ଯ୍ୟାଳୟ ପରିସରରେ ଭାରତୀୟ ମଜଦୁର ସଂଘ ସହ ଅନୁବବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନର ପକ୍ଷରୁ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ସଂଘର ୮ଦଫା ଦାବି ନେଇ ଚଳିତ ମାସ ୨୯ ତାରିଖରେ ସଂଘ ପକ୍ଷରୁ ଭୁବନେଷ୍ୱର ସ୍ଥିତ ଲୋଏର ପିଏମଜିରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବା ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ସେମାନଙ୍କ ଦାବି ଗୁଡ଼ିକ ହେଲା ୨୦୧୮ ମସିହା ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ୪ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ମିନି ଅଙ୍ଗନୱାଡ଼ି ଉଚ୍ଛେଦ କରି ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡ଼ି କର୍ମୀର ମାନ୍ୟତା ପ୍ରଦାନ, ଅଙ୍ଗନୱାଡ଼ି କର୍ମଚାରୀ, ମିନି ଅଙ୍ଗନୱାଡ଼ି କର୍ମଚାରୀ ଓ ସହାୟିକାଙ୍କୁ ଅବସର କାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା ଓ ପେନସନ ମାସିକ ୫, ୦୦୦ ଟଙ୍କା ପ୍ରଦାନ ପରି ୮ଟି ଦାବି ନେଇ ଏହି ସମାବେଶ ହେବ ବୋଲି କୁହାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନର ଗଞ୍ଜାମ ଜିଲ୍ଲାର ସଂଯୋଜିକା ଅମିତା ସାହୁ, ମୀରାବାଈ ସାମଲ, ସସ୍ମିତା ଗୌଡ଼ଙ୍କ ସମତେ ଭାରତୀୟ ମଜଦୂର ସଂଘର ପ୍ରଭାରୀ ଲିଙ୍ଗରାଜ ସାହୁ, ସଭାପତି ଡ଼. ଭବାନୀ ଶଙ୍କର ଦାସ, ସମ୍ପାଦକ ଅର୍ଜୁନ ବେହେରା ଉପସ୍ଥିତ ଥିଲେ ।

## ବଟେଶ୍ୱର ସମୁଦ୍ର କୂଳରେ କୁଢ଼କୁଢ଼ ମଲାମାଛ



**ହୁମ୍ମା, ୨୫ ।୨(ସମିସ):** ବଟେଶ୍ୱର ସମୁଦ୍ର କୂଳରେ ଟନ ଟନ ନୂତନ ପ୍ରଜାତିର ମାଛ ମୃତ ଅବସ୍ଥାରେ ଭାସୁଥିବା ଦେଖିବାକୁ ମିଳିଛି । ଏଭଳି ଦୃଶ୍ୟ ଗୋପାଳପୁର ସମୁଦ୍ର ପର୍ଯ୍ୟନ୍ତ ଦେଖାଯାଉଥିବା ନେଇ ମତ୍ସ୍ୟଜୀବୀମାନେ କହିଛନ୍ତି । ବନ୍ୟପ୍ରାଣୀ ଓ ମତ୍ସ୍ୟ ବିଭାଗ ପକ୍ଷରୁ କୌଣସି ସୂଚନା ନାହିଁ । କିଛି ମତ୍ସ୍ୟଜୀବୀ ରେଡ଼ ଲାଏନ ଫିସ, ସ୍କୋଏରଓଇଡ୍ସ ପ୍ରଜାତି ଭଳି ମତ୍ସ୍ୟକୁ ଚିହ୍ନଟ କରିଛନ୍ତି । ଧର୍ମଶରଣପୁର ଗ୍ରାମର ଶ୍ରବଣ ନାହାକ ନାମକ ଏକ ଯୁବକ ଦେଖିବା ପରେ ସନ୍ଦେହ ଜନକ ମୃତ୍ୟୁକୁ ନେଇ ଇଣ୍ଟରନେଟରୁ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଯୋଗାଯୋଗ ସମ୍ଭବ ହୋଇ ନଥିବା ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜଣାଇଥିଲେ । ତେବେ କୌଣସି କାରଣରୁ ଟନ ଟନ ମତ୍ସ୍ୟ ମୃତ୍ୟୁ ଘଟି ସମୁଦ୍ର କୂଳରେ ପଡ଼ିଥିବା ସନ୍ଦେହ ସୃଷ୍ଟି କରିଛି ।ସମୁଦ୍ର କୂଳରେ ବନ୍ୟପ୍ରାଣୀ ବିଭାଗର କୌଣସି ପାଟ୍ରୋଲିଂ ନାହିଁ । ସେଥିପାଇଁ ମତ୍ସ୍ୟ ସୁରକ୍ଷା ପ୍ରତି ଦୃଷ୍ଟିର ଅବହେଳା ହେଉଥିବା ସାମୁଦ୍ରିକ ମତ୍ସ୍ୟଜୀବୀମାନେ ଅଭିଯୋଗ କରିଛନ୍ତି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବା ସହ ମତ୍ସ୍ୟ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ପାଇଁ ସାମୁଦ୍ରିକ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି ।

## ଜୟ କିଶାନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ଦିଗପହଣ୍ଡି, ୨୫ ।୨(ସମିସ):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଅନ୍ତର୍ଗତ ଚୈତନ୍ୟପୁର ଗ୍ରାମ ଖେଳପଡ଼ିଆ ଠାରେ ଚାଲିଥିବା ଜୟ କିଶାନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଭୀଷ୍ମଗିରି ଗ୍ରାମ କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୧୮ ରନ ହାସଲ କରିଥିବା ବେଳେ ସାତପାଣ୍ଡିଆ ଗ୍ରାମ କ୍ରିକେଟ ଟିମ୍ ୧୧ ରନରେ ପରାସ୍ତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ପ୍ରତିନିଧି ତଥା ଜିଲ୍ଲା ବିଜେଡି ଉପସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧି ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ୧୫ ହଜାର ଓ ପରାଜିତ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ୱାର୍ଡସଭ୍ୟ ହରି ରେଡ୍ଡୀ, ସମାଜସେବୀ ଦିଲୀପ ରେଡ୍ଡୀ, ବି. ଲାଛେୟା, ଲଳିତ ରେଡ୍ଡୀଯୋଗ ଦେଇଥିବା ବେଳେ କ୍ରୀଡା ପରିଚାଳକ ଫକୀର ରେଡ୍ଡୀସମେତ ଆୟୋଜକ ଟିମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ଶ୍ରେଣୀଗୃହ ଅଭାବ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ

# ଗୋଟିଏ ବଖରାରେ ଚାଲିଛି ୫ଟି ଶ୍ରେଣୀ




**ଭଞ୍ଜନଗର, ୨୫ ।୨(ସମିସ)**

ଶିକ୍ଷାର ବିକାଶକୁ ସରକାର ପ୍ରାଥମିକତା ଦେଉଥିବା ବେଳେ ଆଜି ମଧ୍ୟ କେତେକ ବିଦ୍ୟାଳୟ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇ ରହିଛି ।ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ ୫-ଟିରେ ସ୍କୁଲ ଗୁଡିକର ରୂପାନ୍ତରଣ କରାଯାଇଛି ।ଯାହା ଫଳରେ ସବୁଠି ଚକାଚକ୍ ବିଦ୍ୟାଳୟ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ରହିଛି । ହେଲେ ଜଗନ୍ନାଥପ୍ରସାଦ ବ୍ଲକ ବାଲାକିଆରୀ ପ୍ରାଥମିକ ବିଦ୍ୟାଳୟରେ ବ୍ୟତିକ୍ରମ ଦେଖାଦେଇଛି । ଏଠାରେ ଥିବା ବିଭିନ୍ନ ସମସ୍ୟାକୁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ନାହିଁ ବୋଲି ଜଣାପଡ଼ିଛି । ଫଳରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପାଞ୍ଚଟି ଶ୍ରେଣୀର ପିଲାଙ୍କ ପାଇଁ ରହିଛି କେବଳ ଗୋଟିଏ ଶ୍ରେଣୀ ଗୃହ । ପୁରୁଣା ଭଙ୍ଗା ଦଦରା କୋଠରୀରେ ଶିକ୍ଷାଦାନ କାର୍ଯ୍ୟ ଚାଲିଛି । ପାଞ୍ଚୋଟି ଶ୍ରେଣୀରେ ମୋଟ ୪୧ଜଣ ଛାତ୍ରଛାତ୍ରୀଙ୍କ ନିମନ୍ତେ ରହିଛନ୍ତି ମାତ୍ର ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟତ୍ରୀ । ଯାହା ଫଳରେ ଦୀର୍ଘ ବର୍ଷ ହେଲା ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନର ନଜର ପଡୁନି । ଗୋଟିଏ ବଖରାରେ ଶିକ୍ଷାଦାନ କାର୍ଯ୍ୟ ସହ ଆଲମୀରା, ଲାଇବ୍ରେରୀ ପୁସ୍ତକ, ମଧ୍ୟାହ୍ନ ଭୋଜନ ସାମଗ୍ରୀ, ଚାଉଳ ବସ୍ତା ଆଦି ରହୁଥିବା କାରଣରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । ଶ୍ରେଣୀ ଗୃହ ଅଭାବ, ମଧ୍ୟାହ୍ନ ଭୋଜନ ପାଇଁ ଆବଶ୍ୟକ ସ୍ଥାନ ନଥିବା, ବିଦ୍ୟାଳୟର ପାଚେରୀ, ପାନୀୟ ଜଳ ଭଳି ଅନେକ ସମସ୍ୟା ରହିଥିବା ବେଳେ ବର୍ଷା ଦିନେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି ।ଏଭଳି ପରିସ୍ଥିତିରେ ଶିକ୍ଷା କାର୍ଯ୍ୟ ତୁଲାଇବା କଷ୍ଟସାଧ ବୋଲି ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି । ଏନେଇ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏଭଳି ସ୍ଥିତିରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ଅଭିଭାବକ ଓ ଗ୍ରାମବାସୀ ରହିଛନ୍ତି । ତୁରନ୍ତ ଏହାର ସମାଧାନ କରିବାକୁ ଦାବି ଜଣାଇଛନ୍ତି ।

## ବିଜେଡିର ସାଂଗଠନିକ ବୈଠକ



**ବେଗୁନିଆପଡ଼ା, ୨୫ ।୨(ସମିସ):** କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ବେଗୁନିଆପଡ଼ା ବ୍ଲକର ସମସ୍ତ ସରପଞ୍ଚ ସମିତିସଭ୍ୟ ଜିଲ୍ଲା ପରିଷଦ, ଜନପ୍ରତିନିଧି ଓ ବିଜେଡି କର୍ମୀଙ୍କୁ ନେଇ ଏସ୍.ଛଟିନା ଠାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଜୁଜନତା ଦଳର ବ୍ଲକ ସଭାପତି ସିମାଞ୍ଚଳ ସାମଲ ସଭାପତିତ୍ୱ କରି ନିଜ ଅଭିଭାଷଣରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବେଗୁନିଆପଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ସମେତ ସମସ୍ତ ପଞ୍ଚାୟତ ପ୍ରତିନିଧି ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ପୋଲସରା, ୨୫ ।୨(ସମିସ):** ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅଧୀନ ବିରିପୁର ଗ୍ରାମର ଜଣେ ଯୁବକ ବାଇକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି । ମୃତକ ହେଲେ ବିରିପୁରର ଭଗବାନ ଡାକୁଆ । ସୂଚନାଯୋଗ୍ୟ ଭଗବାନ ନିଜ ବାଇକ ଯୋଗେ ବିରିପୁରରୁ ଶଶୁର ଘର ମାଳ ତେନ୍ତୁଳିଆ ଯାଉଥିବା ସମୟରେ ନିଜ ବାଇକର ନିୟନ୍ତ୍ରଣ ହରାଇ ରାସ୍ତା କଡରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ । ଫଳରେ ସେ ଗୁରୁତର ହୋଇଥିଲେ । ତାଙ୍କୁ ପୋଲସରା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି ।

## ମନ୍ଦିର ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ



**ଖଲ୍ଲିକୋଟ, ୨୫ ।୨(ସମିସ):** ରବିବାର ୧୫ କୋଟି ଟଙ୍କାରେ ତିନୋଟି ରାସ୍ତା କାମ ଓ ୧ କୋଟି ୫୯ ଲକ୍ଷ ଟଙ୍କା ବ୍ୟୟରେ ମା' ନାରାୟଣୀ ମନ୍ଦିରର ଉନ୍ନତି କରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ । ଖଲ୍ଲିକୋଟ--ମାନାପଲ୍ଲୀ ରାସ୍ତାର ଉନ୍ନତି କରଣ ପାଇଁ ୭ କୋଟି ୩୬ ଲକ୍ଷ ୮ ହଜାର ୨୧୦ ଟଙ୍କା ମଞ୍ଜୁର କରାଯାଇଛି । ଆସନ୍ତା ୩୦.୧୨.୨୦୨୪ ସୁଦ୍ଧା ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ନାରାୟଣୀଙ୍କ ମୁଖ୍ୟ ମନ୍ଦିରର ଉନ୍ନତି କରଣ, ରାସ୍ତାର ଉନ୍ନତି କରଣ, ଆଲୋକୀକରଣ ଏବଂ ଯାତ୍ରୀ ମାନଙ୍କ ସୁବିଧା ପାଇଁ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି । ସମସ୍ତ କାର୍ଯ୍ୟରେ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ଉପାଧ୍ୟକ୍ଷ ଭାରତୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ସୋନମ ପଲେଇ, ବ୍ଲକ ମହିଳା ବିଜେଡି ସଭାପତି ମିତାଞ୍ଜଳି ମିଶ୍ର, ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ସାହୁ, ସାଂସଦ ପ୍ରତିନିଧି ରତ୍ନାକର ସାହୁ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମମୋହନ ପଣ୍ଡା ଙ୍କ ସମେତ ବିଭାଗୀୟ ଜେଇ ଉପସ୍ଥିତ ଥିଲେ ।

# ଏମ୍‌କେସିଜିର ଗରିମା ବୃଦ୍ଧିକଲେ ଡା. ସତ୍ୟସ୍ୱରୂପ

ବ୍ରହ୍ମପୁର, ୨୫ ।୨(ସମିସ)





ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଜେନେରାଲ ସର୍ଜରୀ ବିଭାଗର ଗାରିମା ବୃଦ୍ଧି ହୋଇଛି। ଏହି ବିଭାଗର ଡାକ୍ତରୀ ଛାତ୍ରଛାତ୍ରୀଙ୍କ କୃତିତ୍ୱ ଏବେ ସର୍ବଜନ ବିଦିତ। ମେଡ଼ିକାଲ କଲେଜର ୨୦୨୩ବର୍ଷ ପିଜି ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଛନ୍ତି ଜେନେରାଲ ସର୍ଜରୀ ବିଭାଗର ଡାକ୍ତରୀ ଛାତ୍ର ଡାକ୍ତର ସତ୍ୟ ସ୍ୱରୂପ ପଟ୍ଟନାୟକ। ଏଥିପାଇଁ ସେ ମାର୍ଚ୍ଚ ୧ ତାରିଖରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ୨୫ତମ

**● ପିଜି ସର୍ଜରୀ ପରୀକ୍ଷାରେ ରଖିଲେ ସର୍ବୋଚ୍ଚ ନମ୍ବର**

**● ମାର୍ଚ୍ଚ ପହିଲାରେ ରାଷ୍ଟ୍ରପତିଙ୍କଠାରୁ ଗ୍ରହଣ କରିବେ ସ୍ୱର୍ଣ୍ଣପଦକ**

ସମାବର୍ତ୍ତନ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସ୍ୱର୍ଣ୍ଣପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଡାକ୍ତର ସତ୍ୟ ସ୍ୱରୂପଙ୍କ ନାମ ଘୋଷଣା ହେବା ପରେ ଚାରିଆଡ଼େ ଖୁସିର ଲହରି ଖେଳିଯାଇଛି। ଏହିକ୍ରମରେ ଏମକେସିଜି ଜେନେରାଲ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଶିବ ପ୍ରସାଦ ଦାଶ ଓ ବିଭାଗୀୟ ଅନ୍ୟ ପ୍ରଫେସର ଅଧ୍ୟାପକ ଓ ଅଧ୍ୟାପିକା ମଣ୍ଡଳୀ ଉପସ୍ଥିତ ରହି ଡାକ୍ତର ସତ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭାଗର ଗାରିମା ବର୍ଣ୍ଣନା କରିଛନ୍ତି। ସେବା, ସଂଘର୍ଷ ଓ ସାଧନା ଫଳରେ କିଭଳି ସଫଳତା ଶିର୍ଷ ଛୁଇଁଛି ସେ ବିଷୟରେ ମତବ୍ୟକ୍ତ କରିଛନ୍ତି। ଡାକ୍ତର ସତ୍ୟ ଏମ୍‌କେସିଜି ମେଡ଼ିକାଲ କଲେଜରେ ଥିବା ସମସ୍ତ ବିଭାଗ ଡାକ୍ତରୀ ଛାତ୍ରଙ୍କ ମଧ୍ୟରୁ ସର୍ବୋଚ୍ଚ ମାର୍କ ରଖିଛନ୍ତି ତାହା ନୁହଁ ବରଂ ତାଙ୍କ ଗବେଷଣାତ୍ମକ ଉପଲବ୍ଧି, ପାଠଚକ୍ରରେ ବର୍ଣ୍ଣନା ଶୈଳୀ ସ୍ୱତନ୍ତ୍ର। ତାଙ୍କ ସଫଳତା ସମଗ୍ର ସର୍ଜରୀ ବିଭାଗ ପାଇଁ ନୂଆ ଉତ୍ସାହ। ଏମକେସିଜି ଇତିହାସରେ ପ୍ରଥମଥର ଲାଗି ସର୍ଜରୀ ବିଭାଗର ଜଣେ ଡାକ୍ତରୀ ଛାତ୍ର ରାଷ୍ଟ୍ରପତିଙ୍କଠାରୁ ସ୍ୱର୍ଣ୍ଣପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଶିବ ପ୍ରସାଦ ଦାସ କହିଛନ୍ତି। ଜେନେରାଲ ସର୍ଜରୀ ପିଜି ବିଭାଗରେ ୧୮ଟି ଲେଖାଏଁ ସିଟ୍ ରହିଥିବା ବେଳେ ପ୍ରତ୍ୟେକ ବର୍ଷର ଛାତ୍ରଙ୍କୁ ନେଇ ୟୁନିଟ ଗଠିତ ହୋଇଛି। ପ୍ରତ୍ୟେକ ୟୁନିଟର ଡାକ୍ତରୀ ଛାତ୍ରଛାତ୍ରୀ ପ୍ରତିଦିନ ଆଇସିୟୁଠାରୁ ଆରମ୍ଭ କରି ଜରୁରୀକାଳୀନ ଅସ୍ତ୍ରୋପଚାର, ଆଶୁକାଳୀନ ଚିକିତ୍ସା ଆଦି ପ୍ରତ୍ୟେକ କାର୍ଯ୍ୟରେ ସବୁଦିନ ସଂଶ୍ଳିଷ୍ଟ ରହିଛନ୍ତି। ସର୍ଜରୀ ବିଭାଗରେ ପ୍ରତିଦିନ ବିଭିନ୍ନ ଅସ୍ତ୍ରୋପଚାର ହୋଇ ଆସୁଛି। ତେଣୁ କାର୍ଯ୍ୟାବଳୀ ମଧ୍ୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁକ୍ଷମ ବଣ୍ଟନ କରାଯାଇଛି। ପ୍ରତ୍ୟେକ ଡାକ୍ତରୀ ଛାତ୍ରଛାତ୍ରୀ ୮ଘଣ୍ଟା ବାଦେ ଅଧିକା ସମୟ ମେଡ଼ିକାଲ ଲାଗି ବିନିଯୋଗ କରୁଛନ୍ତି। ଏହି ସବୁ ସ୍ୱତ୍ତ୍ୱେ ପାଠ ପଢ଼ା କ୍ଷେତ୍ରରେ ଅଧିକ ସମୟ ମିଳୁନଥିଲେ ମଧ୍ୟ ପାଠଚକ୍ର ପ୍ରସ୍ତୁତି, ପାଠ୍ୟକ୍ରମ ପ୍ରତି ଏମାନେ ସଦା ଯତ୍ନବାନ ଥାଆନ୍ତି ବୋଲି ବିଭାଗୀୟ ମୁଖ୍ୟ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଗତ ଜାନୁୟାରୀ ମାସରେ ସର୍ଜରୀ ବିଭାଗରେ ସର୍ବମୋଟ ୫୬୧ଜଣ ରୋଗୀ ଆଡ଼ମିଶନ କରିଥିଲେ। ତନ୍ମଧ୍ୟରୁ ୨୭୩ଜଣଙ୍କ ବଡ଼ ଧରଣର ଅସ୍ତ୍ରୋପଚାର କରାଯାଇଛି। ସେହିଭଳି ୧୮୨୫ଜଣଙ୍କ ଛୋଟ ଧରଣର ଅସ୍ତ୍ରୋପଚାର କରିବାରେ ଜେନେରାଲ ସର୍ଜରୀ ବିଭାଗ ସଫଳ ହୋଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏମ୍‌କେସିଜି ମେଡ଼ିକାଲରେ ୧୯ଟି ବିଭାଗରେ ପିଜି ରହିଥିବା ବେଳେ ସର୍ଜରୀ ବିଭାଗରେ ସମୁଦାୟ ୨୫୬ଟି ବେଡ୍ ରହିଛି। ଏଠାରେ ପ୍ରତିଦିନ ରୋଗୀଙ୍କୁ ଗୁଣାତ୍ମକ ଓ ଅତ୍ୟାଧୁନିକ ଚିକିତ୍ସା ସମେତ ଅସ୍ତ୍ରୋପଚାର ଲାଗି ବିଭାଗର ସମସ୍ତ ଡାକ୍ତର ଚେଷ୍ଟା କରିଥାନ୍ତି। ଫଳରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମନୋବଳ ଓ ଅଭିଜ୍ଞତା ବୃଦ୍ଧି ଘଟୁଛି।

ପ୍ରାୟତଃ ଏମକେସିଜି ଆସୁଥିବା ୮୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ବିରଳ ଅସ୍ତ୍ରୋପଚାର ଏଠାରେ ସମ୍ଭବପର ହୋଇପାରୁଥିବା ପ୍ରଫେସର ଡାକ୍ତର ଏସପି ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ରୋବଟ ସର୍ଜରୀ ଆରମ୍ଭ ହୋଇଥିବା ବେଳେ ଏମକେଜିରେ ତାହା ହେଲେ ଲୋକେ ଯଥେଷ୍ଟ ଉପକୃତ ହୋଇପାରିବେ ବୋଲି କୁହାଯାଇଛି। ସେହିଭଳି ବିଗତ ମାସରେ '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଏମକେସିଜି ଗସ୍ତ ସମୟରେ ଏସଏସ ବିଲ୍ଡିଂ ଯଥା ସର୍ଜରୀ ବିଭାଗରେ ଆଉ ଦୁଇ ମହଲା ନିର୍ମାଣ ଲାଗି ପ୍ରସ୍ତାବ ଦିଆଯାଇଛି। ଫଳରେ ଗୋଟିଏ ଛାତତଳେ ସମସ୍ତପ୍ରକାର ସର୍ଜରୀ ସୁବିଧା ଯୋଗାଇବାରେ ସୁଗମ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି ବିଭାଗରୁ ୨୦୨୩ରେ ସର୍ବୋଚ୍ଚ ମାର୍କ ରଖି ସ୍ୱର୍ଣ୍ଣପଦକ ପାଇବାକୁ ଥିବା ଡାକ୍ତର ସତ୍ୟ ସ୍ୱରୂପ ପଟ୍ଟନାୟକ ସଫଳତାର ଶ୍ରେୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଶିବ ପ୍ରସାଦ ଦାସଙ୍କ ସମେତ ସମସ୍ତ ପ୍ରଫେସର, ଅଧ୍ୟାପକ, ଅଧ୍ୟାପିକା ସହପାଠୀ ଓ ପିତାମାତାଙ୍କୁ ପ୍ରଦାନ କରିଛନ୍ତି। ଜୀବନରେ ଆଗକୁ ବଢ଼ିବା ଲାଗି ଏମାନେ ବିଶେଷ ପ୍ରେରଣା ବୋଲି ମତବ୍ୟକ୍ତ କରିଛନ୍ତି। ଆଗକୁ ଏମସିଏଚ୍ କରିବାକୁ ଲକ୍ଷ୍ୟ ରଖିଥିବା ଡାକ୍ତର ସତ୍ୟସ୍ୱରୂପଙ୍କ ସଫଳତା ସମସ୍ତେ କାମନା କରିଛନ୍ତି।

## ନାରାୟଣପୁରରେ ମହିଳାଙ୍କ ଘରେ ପଶି ସଂଘବଦ୍ଧ ଆକ୍ରମଣ ଓ ଲୁଟ୍

**ବ୍ରହ୍ମପୁର, ୨୫ ।୨(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ନାରାୟଣପୁର ହରିଜନ ସାହିରେ ରହୁଥିବା ଜନୈକ ମହିଳାଙ୍କ ଘରେ କିଛି ମହିଳା ସଂଘବଦ୍ଧ ଭାବେ ପଶି ଆକ୍ରମଣ କରିବା ସହ ଲୁଟ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପ୍ରକାରେ ହରିଜନ ସାହିରେ ରହୁଥିବା ତ୍ରିବେଣୀ ପଟ୍ଟନାୟକଙ୍କ ଘରେ ଦିନ ପ୍ରାୟ ସାଢ଼େ ଗୋଟାଏ ବେଳେ ପି. ଦମୟନ୍ତୀ ରେଡ୍ଡୀଙ୍କ ସହ ପ୍ରାୟ ୧୫ଜଣ ମହିଳା ପସିବା ସହ ବ୍ୟାଙ୍କ ଖାତା ମାଗିଥିଲେ। ପରେ ତ୍ରିବେଣୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ଘରର ଆଲମିରା ମଧ୍ୟରେ ଥିବା ଏକ ବ୍ୟାଗ ସହ ସେଥିରେ ଥିବା ଏକ ବ୍ୟାଙ୍କ ଚେକ ବୁକ୍ ସହ ୩ହଜାର ଟଙ୍କା ସହ କାନରେ ପିନ୍ଧିଥିବା ଏକ ସୁନା ରିଙ୍ଗ ଲୁଟ କରି ନେଇ ଯାଇଥିଲେ। ଏହାର ପ୍ରତିବାଦ କରିବାରୁ ସେମାନେ ତ୍ରିବେଣୀଙ୍କ ମୋବାଇଲ ସହ ଘରର ଆସବାବପତ୍ର ଗୁଡ଼ିକୁ ଫୋପାଡି ଦେଇଥିଲେ। ଥାନାରେ ଘଟଣା ନେଇ ଜଣାଇଥିଲେ ତାଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିବା ନେଇ ଗୋପାଳପୁର ଥାନାରେ ତ୍ରିବେଣୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ପକ୍ଷରୁ କେସ ନମ୍ବର ୮୪/୨୪ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ବ୍ରହ୍ମପୁର, ୨୫ ।୨(ସମିସ):** ଭଞ୍ଜନଗର ପ୍ରାଚୀନ ଘୁମୁସର ଗଡ଼ କୁଲାଡ ଅନ୍ତର୍ଗତ ଧନଞ୍ଜୟପୁର ଗ୍ରାମର ସ୍ୱର୍ଗତ ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ରଥଙ୍କ ଧର୍ମପତ୍ନୀ ମୁକ୍ତାମାଳା ରଥଙ୍କ ପରଲୋକ ହୋଇଯାଇଛି। ଗତ ଗୁରୁବାର ସକାଳେ ଭୁବନେଶ୍ୱରଠାରେ ତାଙ୍କର ଦେହାନ୍ତ ହୋଇଥିଲା। ସ୍ୱର୍ଗତ ମୁକ୍ତାମାଳାଙ୍କ ଶେଷ ଦର୍ଶନ ନିମନ୍ତେ ତାଙ୍କ ମୃତ ଶରୀରକୁ ଧନଞ୍ଜୟପୁରକୁ ଅଣାଯାଇଥିଲା। ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାଯାଇଛି। ସେ ଜଣେ ସମାଜସେବୀ ସହ ମେଳାପୀ, ପରପୋକାରୀ ଓ ସ୍ନେହୀ ମହିଳା ଥିଲେ। ତାଙ୍କ ବିୟୋଗରେ ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ରଥ ଆକାଶବାଣୀ ଓ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥଙ୍କ ମାତା ଅଟନ୍ତି।

## ଟ୍ରେନ୍‌ର ଟିକେଟ ମୂଲ୍ୟ ହ୍ରାସ, କୃତଜ୍ଞତା ଜଣାଇଲା ବରିଷ୍ଠ ନାଗରିକ ମଞ୍ଚ

**ବ୍ରହ୍ମପୁର, ୨୫ ।୨(ସମିସ):** ପାସେଞ୍ଜର ଓ ମେମୋ ଟ୍ରେନର ଟିକେଟ ମୂଲ୍ୟ ହ୍ରାସ ନେଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି। ଏ ଅବସରରେ ମଞ୍ଚ ପକ୍ଷରୁ ରବିବାର ବ୍ରହ୍ମପୁର ଷ୍ଟେସନ ପ୍ରବନ୍ଧକ ଦୁର୍ଗାପ୍ରସାଦ ବ୍ରହ୍ମାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। କରୋନା ସମୟରେ ରେଳ ବିଭାଗ ପକ୍ଷରୁ ପାସେଞ୍ଜର ଓ ମେମୋ ଟ୍ରେନର ଭଡ଼ା ବୃଦ୍ଧି ହୋଇଥିବା ବେଳେ ପରବର୍ତ୍ତୀ ସମୟରେ



ଏହାକୁ ବିଭାଗ ପକ୍ଷରୁ ହ୍ରାସ କରାଯାଇନଥିଲା। ଯାହାକୁ ନେଇ ବରିଷ୍ଠ ନାଗରିକ ମଞ୍ଚ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ପ୍ରତିବାଦ କରିଥିଲେ। ଏହା ପରେ ରେଳ ବିଭାଗ ପକ୍ଷରୁ ଶନିବାର ପସେଞ୍ଜର ଟ୍ରେନ ଟିକେଟ ମୂଲ୍ୟ ୪୦ଟଙ୍କାକୁ ହ୍ରାସ କରିଥିବା ଜଣାପଡ଼ିଛି। ଏନେଇ ମଞ୍ଚ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନା ସମୟରେ ମଞ୍ଚର ସଭାପତି ତ୍ରିନାଥ ମହାରଣା, ଉପସଭାପତି ପ୍ରମୋଦ କୁମାର ସାହୁ, ସଂଯୋଜକ ମୋହନ ଚରଣ ସ୍ୱାଇଁ, ସନ୍ତୋଷ କୁମାର ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପଦ୍ମଶ୍ରୀ ଡା. କୃଷ୍ଣ ମୋହନ ପାଠୀଙ୍କ ଓଷ୍ଟିଓପୋରୋସିସ୍ ପରୀକ୍ଷା ଶିବିର

**ବ୍ରହ୍ମପୁର, ୨୫ ।୨(ସମିସ):** ପଦ୍ମଶ୍ରୀ ଡା. କୃଷ୍ଣ ମୋହନ ପାଠୀଙ୍କ ଲିଙ୍ଗରାଜ ନଗର ସ୍ଥିତ ବାସଭବନରେ ରବିବାର ଓଷ୍ଟିଓପୋରୋସିସ (ଛିଦ୍ରମୟ ଅସ୍ଥି) ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟର ସେକ୍ରେଟାରୀ ସୁଜାତା ସାହୁ ଯୋଗଦାନ କରି ସ୍ୱାସ୍ଥ୍ୟ ଶିବିରର ଉଦଘାଟନ କରି ନିଜର ସ୍ୱାସ୍ଥ୍ୟ ପରିକ୍ଷା କରାଇଥିଲେ। ଶିବିରରେ ଅସ୍ଥି ସ୍ୱାସ୍ଥ୍ୟର ପରିକ୍ଷା ସହିତ ଇଉରିକ୍ ଏସିଡ, ହେମୋଗ୍ଲୋବିନ, ଭିଟାମିନ ଡି-୩, ସ୍ୱାସ୍ଥ୍ୟ ଦୌର୍ବଲ୍ୟତା ଇତ୍ୟାଦି ପରିକ୍ଷା କରାଯାଇଥିଲା ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶ ଉପଲବ୍ଧ କରାଯାଇଥିଲା। ବ୍ରହ୍ମପୁର ବିଭିନ୍ନ ଅଞ୍ଚଳରୁ ଅନେକ



ବ୍ୟକ୍ତି ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଏହି ଶିବିରରେ ଯୋଗଦାନ କରି ନିଜ ନିଜର ସ୍ୱାସ୍ଥ୍ୟ ପରିକ୍ଷା କରାଇଥିଲେ। ଡା. ପାଠୀଙ୍କଠାରୁ ଡାକ୍ତରୀ ପରାମର୍ଶ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭୁ ପ୍ରସାଦ ପାଠୀ, ପୀତବାସ ରଥ, ଆଇନଜୀବୀ ବିଜୟ ଚନ୍ଦ୍ର ମିଶ୍ର, ଆଇନଜୀବୀ ରମେଶ ଚନ୍ଦ୍ର ପାଣିଗ୍ରାହୀ, ଆଇନଜୀବୀ ମନୋଜ କୁମାର ପାଣିଗ୍ରାହି, ସୁଶ୍ରୀ ମନ୍ଦାକିନୀ ସକହୁ, ଏ. ରାଜା ରାଓ, କୃଷ୍ଣ ଚନ୍ଦ୍ର ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଲେଖକ ଓ ଲେଖିକା ସାମ୍ମୁଖ୍ୟର ସାହିତ୍ୟ ସଭା

**ବ୍ରହ୍ମପୁର, ୨୫ ।୨(ସମିସ):** ଉତ୍କଳ ଆଶ୍ରମ ଭାଷା ଭବନଠାରେ ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ଲେଖିକାର ସାରସ୍ୱତ ଆଲୋଚନା ଓ ବସନ୍ତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାବେଶରେ ଅବସରପ୍ରାପ୍ତ ଅଧ୍ୟକ୍ଷ ସାହିତ୍ୟିକ ଡ ବନମାଳୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ସମ୍ମାନୀତ ଭାବରେ ଲେଖକ ସାମ୍ମୁଖ୍ୟ ସଭାପତି ହାଡିବନ୍ଧୁ ମାଳି, ସାଧାରଣ ସମ୍ପାଦିକା ଡ ସୂଚନା ପାଢ଼ୀ, ଏବଂ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଚନ୍ଦ୍ରଶେଖର ମହାପାତ୍ର ଭଜନ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଡ ପାଣିଗ୍ରାହୀଙ୍କ ସମେତ ବିଶ୍ୱମ୍ବର ପାଣିଗ୍ରାହୀ, ଡ ପୁଷ୍ପାଞ୍ଜଳି ପଢ଼ାଳ ଏବଂ ଅନ୍ୟମାନେ ଆଲୋଚନା କରିଥିଲେ। ଡ. ସୂଚନା ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନା ସଭା ଓ ବସନ୍ତ କବିତା ପାଠୋତ୍ସବରେ ହୃଷିକେଶ ଦାଶ, ଲିଙ୍ଗରାଜ ଜେନା, ପଦ୍ମାଳୟା ପାଢ଼ୀ, ତପନ କୁମାର ପାଢ଼ୀ, ଗୌରୀଶଙ୍କର ପଟ୍ଟନାୟକ, ଡ. ସୁବ୍ରତ କୁମାର ସାହୁ, ସୁବାସ ଚନ୍ଦ୍ର ନାୟକ, ଭଗବାନ ତ୍ରିପାଠୀ, ଭିକାରି ଚରଣ ମହାପାତ୍ର, ଚନ୍ଦ୍ର ଶେଖର ମହାପାତ୍ର, ସୁଦାମ ପାଣିଗ୍ରାହୀ, କପିଳ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

### ବ୍ରହ୍ମପୁରରେ ବିଜେପିର 'ଲେଖା ଛିଡ଼ିବା' ସ୍ଥିତି

## ରାଜ୍ୟ ବିଜେପି ସଭାପତିଙ୍କୁ କର୍ପୋରେଟରଙ୍କ ଖୋଲାଚିଠି

**ବ୍ରହ୍ମପୁର, ୨୫ ।୨(ସମିସ):** ଗଞ୍ଜାମ ଜିଲ୍ଲା ବିଜେପିର ଥମିବାର ନାମ ନେଉନାହିଁ ଗୋଷ୍ଠୀ କନ୍ଦଳ। କ୍ରମଶଃ ଏହା ଉଗ୍ରରୂପ ନେଉଛି। ଜିଲ୍ଲା ପଦାଧିକାରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ଏବେ ଅନେକ ଦଳୀୟ କାର୍ଯ୍ୟରୁ ଦୂରେଇ ଯାଇଛନ୍ତି। ଆଉ କିଛି ଅନ୍ୟ ଯୋଜନା କରୁଛନ୍ତି। ତେବେ ବିଜେପି ବ୍ୟାନରରେ ବିଜୟୀ ହୋଇଥିବା ବ୍ରହ୍ମପୁର ସହରର ୨୭ନଂ ୱାର୍ଡ଼ କର୍ପୋରରେଟର ନୀଳକଣ୍ଠ ସାହୁ କ୍ଷୋଭର ସହ ଦଳ ଛାଡ଼ିବା ନେଇ ନିଷ୍ପତି ନେବା ସହ ପ୍ରେସ ବିବୃତ୍ତି ଜରିଆରେ ଜଣାଇଛନ୍ତି। ଏନେଇ ସେ ରାଜ୍ୟ ସଭାପତିଙ୍କ ନିକଟକୁ ମଧ୍ୟ ଚିଠି ଲେଖିଥିବା ସେ ଜଣାଇଛନ୍ତି। ନିର୍ବାଚିତ ଜନ ପ୍ରତିନିଧିମାନେ ଖୋଦ ଦଳର ଜିଲ୍ଲା ପଦାଧିକାରୀଙ୍କ ଦ୍ୱାରା ଅବହେଳିତ ଓ ଅସନ୍ତୁଷ୍ଟ ଥିବା କ୍ଷୋଭର ସହ ସେ ପ୍ରକାଶ କରିଛନ୍ତି। ଏହି ପ୍ରସଙ୍ଗରେ ଏବେ ବ୍ରହ୍ମପୁର ମହାନଗର ନିଗମର ବିଜେପି ରାଜନୀତି ଚର୍ଚ୍ଚାର ପରିସରକୁ ଆସିଛି। କର୍ପୋରେଟର ନୀଳକଣ୍ଠ ସାହୁଙ୍କ ଦ୍ୱାରା ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରେରିତ ପ୍ରେସ ବିବୃତ୍ତିକୁ ଯଦି ଅବଲୋକନ କରାଯାଏ ତେବେ ଏଥିରୁ ସ୍ପଷ୍ଟ ହେଉଛି ଯେ, ଗଞ୍ଜାମର ବିଜେପିର ଗୋଷ୍ଠୀ କନ୍ଦଳ ସଜାଡ଼ିବାରେ ରାଜ୍ୟ ବିଜେପି ମଧ୍ୟ ଏକପ୍ରକାର ବିଫଳ ହୋଇଛି। କର୍ପୋରେଟର ନୀଳକଣ୍ଠ ଦର୍ଶାଇଛନ୍ତି ଯେ, ୨୭ନଂ ୱାର୍ଡବାସୀଙ୍କ ଭଲପାଇବାରୁ ଭାରତୀୟ ଜନତା ପାର୍ଟି ପଦ୍ମଫୁଲ ଚିହ୍ନରେ ଭୋଟ ପାଇ ସେ କର୍ପୋରେଟର ହୋଇଥିଲେ। ତାଙ୍କ ବିଜୟ ନେଇ କିଛି ଦଳୀୟ ପଦାଧିକାରୀ ବିଶେଷକରି ପୂର୍ବତନ ସଭାପତି କାହ୍ନୁ ପତି, ବିଭୁତି ଭୂଷଣ ଜେନା, ଲୋକସଭା ସଂଯୋଜକ ସରୋଜ ସାବତ, ଜିଲ୍ଲା ପ୍ରଭାରୀ ଅଶୋକ ମିଶ୍ରଙ୍କୁ କଷ୍ଟ ହୋଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କୁ ନିର୍ବାଚନରେ ହରାଇବା ପାଇଁ ଏମାନେ କୁଆଡ଼େ ସ୍ୱାଧୀନ ପ୍ରାର୍ଥୀ ଠିଆ କରାଇଥିଲେ। ଏଥିରେ ବିଫଳ ହେବା ପରେ ନୀଳକଣ୍ଠଙ୍କୁ ବିରୋଧ କରି ତାଙ୍କଠାରୁ କିଛି କର୍ମୀଙ୍କୁ ଦୂରେଇ ନେଇଥିଲେ। ଏଭଳି ଅନେକ ଚକ୍ରାନ୍ତ ପରେ ନୀଳକଣ୍ଠ ଦଳର ବିଧାନସଭା ନେତାଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଜିଲ୍ଲା ସଭାପତିଙ୍କ ନିକଟକୁ ପତ୍ର ମାଧ୍ୟମରେ ଜଣାଇଥିଲେ। ନୂତନ ଭାବେ ଦାୟିତ୍ୱ ନେବା ପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ବ୍ରହ୍ମପୁର ଗସ୍ତରେ ଆସିଥିଲେ। ତାଙ୍କୁ କର୍ପୋରେଟର ଓ ୱାର୍ଡ଼ବାସୀ ଭବ୍ୟ ସ୍ୱାଗତ କରିଥିଲେ। ଏଠାରେ

**● ଜିଲ୍ଲା ପଦାଧିକାରୀଙ୍କ ବିରୋଧରେ ବିଷ ଓଗାଳିଲେ ନିର୍ବାଚିତ ପ୍ରତିନିଧି**

**● ଦଳ ଛାଡ଼ିବା ଏକମାତ୍ର ବିକଳ୍ପ, ପୂର୍ବରୁ ହୋଇଥିଲା ରୁଦ୍ଧଦ୍ୱାର ବୈଠକ**



ଜଣେ ଯୁବମୋର୍ଚ୍ଚା ମଣ୍ଡଳ ପଦାଧିକାରୀଙ୍କ ଦ୍ୱାରା ଅଘଟଣ ଘଟିଲା। ଏହିକ୍ରମରେ ନୀଳକଣ୍ଠଙ୍କୁ ଦଳରୁ ନିଲମ୍ବନ ନେଇ ଖବର କାଗଜରେ ପ୍ରକାଶ ପାଇଥିଲେହେଁ ନିଲମ୍ବନ ନେଇ ତାଙ୍କୁ କୌଣସି ଚିଠି ଉପଯୁକ୍ତ ପଦାଧିକାରୀଙ୍କଠାରୁ ମିଳିନଥିବାରୁ ଭାଜପାର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପାଇ ସେ ଉପସ୍ଥିତ ରହୁଥିଲେ। ଇତିମଧ୍ୟରେ ଗଞ୍ଜାମ ସାଂଗଠନିକ ଜିଲ୍ଲା ସଭାପତି ବଦଳିଥିଲେ ମଧ୍ୟ ପରିସ୍ଥିତିରେ ସେପରି କିଛି ଉନ୍ନତି ଆସିନଥିବା ନୀଳକଣ୍ଠ ଦର୍ଶାଇଛନ୍ତି। ନିକଟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାରୁ ବର୍ତ୍ତମାନର ଜିଲ୍ଲା ସଭାପତି ନୀଳକଣ୍ଠଙ୍କୁ ନିଲମ୍ବନ ହୋଇଥିବା ଦର୍ଶାଇ ଉକ୍ତ କାର୍ଯ୍ୟକ୍ରମରୁ ଚାଲିଯିବାକୁ କହିଥିବା ନୀଳକଣ୍ଠ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏକଥା ଶୁଣିବା ପରେ ସେ ସେଠାରୁ ଚାଲି ଆସିଥିଲେ। ତଥାପି ସେଥିରେ ସେ ଭାଙ୍ଗିନଥିଲେ। ଦଳର ବିକାଶ ଓ ସହରରେ କିପରି ବିଜେପି ଦ୍ୱାରା ଉନ୍ନତି ହେବ ସେ ସମ୍ପର୍କରେ ସମସ୍ତ ବିଜୟୀ କର୍ପୋରେଟରମାନଙ୍କ ସହ ବସି ଆଲୋଚନା କରି ଆଗକୁ ବଢ଼ିବା ଲାଗି କାମ କରୁଥିଲେ। ଏହି ସମୟରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହଙ୍କ କାର୍ଯ୍ୟକ୍ରମ ସ୍ଥିର ହେଲା। ସେଥିରେ ନିର୍ବାଚିତ କର୍ପୋରେଟରଙ୍କୁ ନିମନ୍ତ୍ରଣ ଅଥବା କୌଣସି ସୂଚନା ମଧ୍ୟ ଦିଆଯାଇନଥିଲା। ବାରମ୍ବାର ଅବହେଳା, ଅପମାନ, ଲାଞ୍ଛିତ ହେବାପରେ ଦଳ ଛାଡ଼ିବା ପାଇଁ ଦଳର ଅନ୍ୟ କର୍ପୋରେଟରଙ୍କ ନିଷ୍ପତି ସହ ନୀଳକଣ୍ଠ ନିଷ୍ପତି ନେଇଥିବା ଚିଠିରେ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ମୁଁ ମୋର ନିଜର ସ୍ୱାର୍ଥ କିମ୍ବା ରାଜନୈତିକ କ୍ୟାରିଅର କରିବାକୁ ବିଜେପି ଦଳରେ କିମ୍ବା କୌଣସି ରାଜନୈତିକ ଦଳରେ ଚଳଚଞ୍ଚଳ ନୁହେଁ ବରଂ ମୁଁ ସମାଜର ଲୋକଙ୍କ ସେବା ପାଇଁ ରାଜନୈତିକ ଦଳରେ ଯୋଡି ହୋଇ ରହିଥିଲି। ଦୀର୍ଘ ୨୨ବର୍ଷଧରି ଯେଉଁ ବିଜେପି ଦଳ ସହ ଯୋଡି ହୋଇ ରହିଥିଲି ସେହି ଦଳ ତ୍ୟାଗ କରୁଥିବା ସେ ଚିଠିରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ୱାର୍ଡରେ ଆହୁରି ଅଧିକ ଉନ୍ନତି ପାଇଁ ଆବଶ୍ୟକ ହେଲେ ଅନ୍ୟ କୌଣସି ଦଳ ସହ ଯୋଡି ହୋଇପାରନ୍ତି ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଗଣମାଧ୍ୟମ ଜରିଆରେ ୱାର୍ଡବାସିନ୍ଦାଙ୍କୁ ବିନମ୍ରତାର ସହ ଜ୍ଞାତ କରାଇବାକୁ ଯାଇ ଯେଉଁ ଆଶା ବିଶ୍ୱାସ ନେଇ ୱାର୍ଡର ଉନ୍ନତି ବିଷୟକୁ ଆଧାର କରି ତାଙ୍କୁ ଭୋଟ ଦେଇଥିଲେ ସେଥିରେ କୌଣସି ପ୍ରକାର ଅବହେଳା ସେ କରିନାହାଁନ୍ତିକି ଆଗକୁ ମଧ୍ୟ କରିବେ ନାହିଁ ବୋଲି ସେ କହିଛନ୍ତି। ସେପଟେ ବ୍ରହ୍ମପୁର ମହାନଗର ନିଗମରେ ମୋଟ କର୍ପୋରେଟରଙ୍କ ମଧ୍ୟରୁ ୭ଜଣ ବିଜେପିର ଥିବା ବେଳେ ସେଥିମଧ୍ୟରୁ ନୀଳକଣ୍ଠଙ୍କୁ ମିଶାଇ ୫ଜଣ ରାଜନାଥ ସିଂହଙ୍କ ସଭାକୁ ବର୍ଜନ କରିଥିଲେ। ଏଥିପୂର୍ବରୁ ମଧ୍ୟ ଜିଲ୍ଲା ସଭାପତିଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ଏକ ରୁଦ୍ଧଦ୍ୱାର ବୈଠକରେ ବିସ୍ତୃତ ଆଲୋଚନା ମଧ୍ୟ କରିଥିଲେ। ବର୍ତ୍ତମାନ କର୍ପୋରେଟରଙ୍କ ଖୋଲାଚିଠି ଓ ସେଥିରେ ଥିବା ବୟାନକୁ ଅନୁଶୀଳନ କଲେ ଜଣାପଡୁଛି ବ୍ରହ୍ମପୁର ମହାନଗରରେ ବିଜେପିର ସାଙ୍ଗଠନିକ ସ୍ଥିତି ପ୍ରାୟ 'ଲେଖା ଛିଡିବା' ସଦୃଶ।

## କଂଗ୍ରେସ ନେତା ମନୋଜ ଜେନା ହତ୍ୟା ମାମଲା : ଚୂଡ଼ାନ୍ତ ରାୟ ଆଜି

**ବ୍ରହ୍ମପୁର, ୨୫ ।୨(ସମିସ):** ୨୦୧୯ ସାଧାରଣ ନିର୍ବାଚନରେ ଆସିକାର ବିଧାନସଭା କଂଗ୍ରେସ ପ୍ରାର୍ଥୀ ମନୋଜ ଜେନାଙ୍କୁ ସ୍ଥାନୀୟ ଲାଞ୍ଜିପଲ୍ଲୀ ବାଇପାସରେ ଗୁଳିକରି ଓ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାର ଚୂଡ଼ାନ୍ତ ରାୟ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ପ୍ରଥମ)ଙ୍କ ଅଦାଲତରେ ସୋମବାର ପ୍ରକାଶ ହେବା ନେଇ ଆଇନଜୀବୀ କୃଷ୍ଣପ୍ରସାଦ ପଟ୍ଟନାୟକଙ୍କ ଠାରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ୨୦୧୯ ମସିହା ମେ ୨୧ତାରିଖ ସନ୍ଧ୍ୟାରେ ମନୋଜ ଜେନା ନିଜର ୩ ଜଣ ସହଯୋଗୀଙ୍କ ସହିତ କାରରେ ଭୁବନେଶ୍ୱରରୁ ଆସିକା ଫେରୁଥିଲେ। ଫେରିବା ବାଟରେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ବାଇପାସ ନିକଟସ୍ଥ ଜାତୀୟ ରାଜପଥରେ ପରିସ୍ରା କରିବାକୁ କାରରୁ ଓହ୍ଲାଇଥିଲେ। କାର ରଖିବା କ୍ଷଣି ବାଇକ୍‌ରେ ଆସି କିଛି ଦୁର୍ବୃତ୍ତ ମନୋଜଙ୍କୁ ଲକ୍ଷ୍ୟ କରି ଆଖିବୁଜା ଗୁଳିଚାଳନା କରିଥିଲେ। ପରେ ମନୋଜଙ୍କ ବେକକୁ ଧାରୁଆ ଛୁରୀରେ କାଟି ଦେଇଥିଲେ ଦୁର୍ବୃତ୍ତ। ଘଟଣା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମନୋଜଙ୍କର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ମୋଟ ୨୦ଜଣ ସାକ୍ଷୀଙ୍କ ବିଚାରଣା ଶେଷ ହୋଇଥିବା ବେଳେ ଉଭୟ ପକ୍ଷ ଓକିଲଙ୍କ ଜବାବସୁଆଲ ମଧ୍ୟ ସରିଛି। ବହୁଚର୍ଚ୍ଚିତ ତଥା ଅତି ଜଘନ୍ୟ ହତ୍ୟାକାଣ୍ଡ ଘଟଣାରେ କୋର୍ଟ କ'ଣ ରାୟ ଶୁଣାଉଛନ୍ତି ତାହା ଉପରେ ରହିଛି ସମସ୍ତଙ୍କର ନଜର। ଗତ ସାଧାରଣ ନିର୍ବାଚନ ଭୋଟ ଗଣତି ପୂର୍ବରୁ ମନୋଜ ଜେନାଙ୍କୁ ହତ୍ୟା କରାଯାଇଥିଲା। ଆଗକୁ ୨୦୨୪ ସାଧାରଣ ନିର୍ବାଚନ ଥିବାବେଳେ ଏହି ରାଜନୈତିକ ହତ୍ୟାକାଣ୍ଡର ରାୟ ପ୍ରକାଶ ପାଇବ। ତେଣୁ ବହୁ କଂଗ୍ରେସ ନେତା ମଧ୍ୟ ଏହି ରାୟକୁ ଅପେକ୍ଷା କରିଛନ୍ତି। ମନୋଜ ଜେନା ହତ୍ୟା ଷଡ଼ଯନ୍ତ୍ରରେ ପୁଲିସ ଭଗବାନ ସାହୁ ଓରଫ ଭାଲୁ ଏବଂ ଅଭିଯୁକ୍ତ ଭାବେ ସୁନିଲ କୁମାର ନାୟକ ଓରଫ ସୁଲତାନ, ଆନନ୍ଦ ସ୍ୱାଇଁ, କାର୍ତ୍ତିକ ନାହାକ, ଶିବରାମ ବେହେରା, ହୃଷିକେଶ ପାତ୍ର, ବୁଲୁ ଓରଫ ଗଣେଶ ନାୟକ ଓ ଶଙ୍କର ରାଉତ ଆଦି ମୋଟ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ରାୟ ପ୍ରକାଶ ସମୟରେ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯିବ ବୋଲି ଜଣାପଡ଼ିଛି।

### ମହାନଗର ମହୋତ୍ସବର ତୃତୀୟ ସନ୍ଧ୍ୟା

## ରଘୁନାଥ ନାଟ୍ୟ କଳା ସଂସଦକୁ ସକାଳ ପ୍ରତିଭା ସମ୍ମାନ

ବ୍ରହ୍ମପୁର, ୨୫ ।୨(ସମିସ)

କଳା, ସାହିତ୍ୟ ସଂସ୍କୃତିର ଜିଲ୍ଲା ହେଉଛି ଗଞ୍ଜାମ। ଏଠାକାର ଲୋକକଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସାରା ରାଜ୍ୟରେ ଅନନ୍ୟ। ଏହାକୁ ଦୃଷ୍ଟିରେ ରଖି କଳାକୁ ବଞ୍ଚାଇ ରଖିବା ସହ ଓ କଳାକାରଙ୍କୁ ମଞ୍ଚରେ ସେମାନଙ୍କ ପାରଦର୍ଶିତା ପ୍ରଦର୍ଶନ କରିବାର ସୁଯୋଗ ଦେବାକୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜାରି ରହିଛି ମହାନଗର ମହୋତ୍ସବ ବ୍ରହ୍ମପୁର। ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ପରିସରରେ ଆୟୋଜିତ ଏହି ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇ ଏହାର ଶୁଭାରମ୍ଭ କରିବା ସହ ସ୍ଥାନୀୟ କଳାକୁ ଉଜ୍ଜୀବିତ ରଖିବା ସହ କଳାକାରଙ୍କୁ କଳା ପ୍ରଦର୍ଶନ ପାଇଁ ଏଭଳି ମହୋତ୍ସବର ଆବଶ୍ୟକତା ଥିବା ମତ ରଖିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କ୍ରେଡେୟାର ସମ୍ପାଦକ ଇ. ପ୍ରସନ୍ନ ପାଢ଼ୀ, ସମାଜସେବୀ ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଇ. ଉମାଶଙ୍କର ପାଣିଗ୍ରାହୀଙ୍କ ସଭାପତିତ୍ୱରେ

**● ସାହିତ୍ୟ, କଳା, ସଂସ୍କୃତିର ହବ୍ ଗଞ୍ଜାମ**

**● ନାଭ୍ୟାଙ୍କ କଣ୍ଠର ଯାଦୁରେ ମତୁଆଲା ଦର୍ଶକ**



ଆୟୋଜିତ ସାଂସ୍କୃତିକ ସଭାରେ ଅତିଥିଭାବେ ସକାଳ ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ମହୋତ୍ସବ କମିଟିର ସଭାପତି ନାରାୟଣ ମହାଙ୍କୁଡ, ସମ୍ପାଦକ ଗୋପାଳ ପଟ୍ଟନାୟକ, ଉପ ସଭାପତି ମିହିର ରଞ୍ଜନ ତ୍ରିପାଠୀ, ଅନୀଲ କୁମାର ପାତ୍ର, ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ମହୋତ୍ସବର ତୃତୀୟ ସନ୍ଧ୍ୟାର ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଗଞ୍ଜାମ ଦିଗପହଣ୍ଡି ଧର୍ମପୁରର ରଘୁନାଥ ନାଟ୍ୟକଳା ସଂଘର କଳାକାରଙ୍କ ଦ୍ୱାରା ରାମ ଲୀଳା ପରିବେଷଣ କରାଯାଇଥିଲା। ସେହିପରି ମହୋତ୍ସବର ତୃତୀୟ ରଜନୀରେ ନିଜ କଣ୍ଠର ଯାଦୁରେ ଉପସ୍ଥିତ ଦର୍ଶକଙ୍କୁ ଖୁବ୍ ମତୁଆଲା କରିଥିଲେ ଓଲିଉଡ ଗାୟିକା ନାଭ୍ୟା ଜ୍ୟୋତି। ଏଥିସହ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଲୋକ ନୃତ୍ୟ, ଆଧୁନିକ ନୃତ୍ୟ ଆଦି ପରିବେଷଣ ହୋଇଥିଲା। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହୋତ୍ସବ ମଞ୍ଚରେ ରାଜ୍ୟର ଅଗ୍ରଣୀ ଦୈନିକ ଓଡିଆ ଖବର କାଗଜ 'ସକାଳ' ପକ୍ଷରୁ ଶ୍ରେଷ୍ଠ ପ୍ରତିଭା ସମ୍ମାନରେ ରଘୁନାଥ ନାଟ୍ୟ କଳା ସଂଘର କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ରାମ ଲୀଳା ଟିମକୁ ସମ୍ମାନିତ କରାଯାଇଥିଲା। ମହୋତ୍ସବର ଆଉ ଏକ ଆକର୍ଷଣ ହେଉଛି ଜିଲ୍ଲା ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ୧୦୦ ରୁ ଉର୍ଦ୍ଧ ଷ୍ଟାଲ। ଯେଉଁଥିରେ ଘରୋଇ ଉପକରଣ ସହ ଖାଇବା ଏବଂ ବିଭିନ୍ନ ପ୍ରକାର ସାମଗ୍ରୀର ବିକ୍ରିବଟା। ପରିଶେଷରେ ମହୋତ୍ସବ ସହ ସମ୍ପାଦକ ସତ୍ୟ ଚେତନ ପରିଡ଼ା ଓ ବରିଷ୍ଠ ସାମ୍ବାଦିକ ସୁଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିରାମ ପାତ୍ର, ସ୍ୱାଧୀନ କୁମାର ପାତ୍ର, ଅନନ୍ତ ପ୍ରଧାନ, ବିଭୁ ନନ୍ଦନ ପଣ୍ଡା ପ୍ରମୁଖ ପରିଚାଳନା ସହଯୋଗ କରିଥିଲେ।

# ମାଙ୍କଡ଼ ଘଉଡ଼ାଇବାକୁ ଯାଇ ଯୁବକ ନିଖୋଜ

**ଭଞ୍ଜନଗର, ୨୫ ।୨(ସମିସ):** ତାରସିଙ୍ଗ ଥାନା ବେଙ୍ଗସର ଗ୍ରାମରେ ଜଣେ ୨୯ ବର୍ଷୀୟ ଯୁବକ ଗତ ୮ ଦିନ ହେଲା ହଠାତ ନିଖୋଜ ହୋଇଯାଇଛି। ଏହାକୁ ନେଇ ତାର ପରିବାର ଓ ଗ୍ରାମବାସୀ ଖୋଜିଖୋଜି ନୟାନ୍ତ ହୋଇ ପଡ଼ିଲେଣି। ହେଲେ ମଧ୍ୟ ପୁଅର କୌଣସି ଖୋଜ ଖବର ମିଳୁନି ଯାହାକୁ ନେଇ ଚିନ୍ତା ବଢ଼ି ଚାଲିଛି। ଅନ୍ୟ ପକ୍ଷରେ ତାରସିଙ୍ଗ ଥାନାରେ ପୁଅକୁ ଖୋଜି ବାହାର କରିବାକୁ ବାପା, ମାଆ ଜଣାଇଛନ୍ତି। ଗ୍ରାମର କିଶୋର ପ୍ରଧାନ ଓ ଶାନ୍ତି ପ୍ରଧାନଙ୍କ ସାନ ପୁଅ ଲକ୍ଷ୍ମୀକାନ୍ତ ପ୍ରଧାନ ଗତ ଶନିବାର ଦିନ ଗାଁ ନିକଟ ମୁଗ ଜମିକୁ ମାଙ୍କଡ଼ ଘଉଡାଇବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ଏହା ଶୁଣି ଗାଁ ଲୋକମାନେ ମଧ୍ୟ ମିଳିମିଶି ଖୋଜିବା



ପରେ ନିରାଶ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। କିଶୋର ଗତ ୨୦୦୯ରୁ ଏକ ଦୁର୍ଘଟଣାରେ ଅକର୍ମଣ୍ୟ ହୋଇ ରହିଛନ୍ତି। ବଡ଼ ପୁଅ ଓ ଦୁଇ ଝିଅ ବିବାହ ପରେ ପରେ ଲକ୍ଷ୍ମୀକାନ୍ତ ଘରର ଏକ ମାତ୍ର ରୋଜଗାରିଆ ପୁଅ ଥିଲେ। ଲକ୍ଷ୍ମୀକାନ୍ତ ଭୁବନେଶ୍ୱରରେ ରଙ୍ଗ କାମ କରି ଲକ୍ଷାଧିକ ଟଙ୍କା ରୋଜଗାର କରିବା ପରେ ବିବାହ କରିବାକୁ ମନସ୍ଥ କରିଥିଲେ ହେଲେ ଗତ ଆଠ ମାସ ପୂର୍ବେ ସେ ଏକ ଠକାମୀର ଶିକାର ହୋଇ ସବୁ ଟଙ୍କା ହରାଇବା ପରେ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ବାପା, ମା ତାଙ୍କୁ ବୁଝାଇ ସୁଝାଇ ଆଣି ଗତ ୬ମାସ ହେଲା ନିଜ ଗ୍ରାମରେ ରଖିଥିଲେ। ପୁଅ ଅନ୍ତର୍ଦ୍ଧାନ ହେବା ପରେ ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି ପିତାମାତା। ଏମାନଙ୍କ ରହିବା ପାଇଁ ମଧ୍ୟ ଭଲ ଘରଟିଏ ନାହିଁ। ଲକ୍ଷ୍ମୀକାନ୍ତଙ୍କ ପାଇଁ ମେଡିସିନ କିଣିବାକୁ ମଧ୍ୟ ସମ୍ବଳ ନାହିଁ ସେମାନଙ୍କ ପାଖରେ। କୌଣସି ସହୃଦୟ ବ୍ୟକ୍ତି ଲକ୍ଷ୍ମୀକାନ୍ତଙ୍କୁ ଦେଖିଲେ ତାରସିଙ୍ଗ ଥାନା କିମ୍ବା ମୋବାଇଲ ନଂ ୮୨୫୮୨୩୯୭୪୧ରେ ଜଣାଇବାକୁ ମା ଶାନ୍ତି ନିବେଦନ କରିଛନ୍ତି।

# ଟାଟା ଟି କମ୍ପାନୀ କର୍ମଚାରୀ ସଂଗଠନର ବୈଠକ

**ଛତ୍ରପୁର, ୨୫ ।୨(ସମିସ):** ଛତ୍ରପୁର ବ୍ଲକ ଜଗନ୍ନାଥପୁର ଶିବ ମନ୍ଦିର ପ୍ରାଙ୍ଗଣରେ ଟାଟା ଟି କମ୍ପାନୀରେ କାର୍ଯ୍ୟରତ ଏପିପିଏଲ ଏମ୍ପଲୋଏସ ୟୁନିଅନର ଏକ ବୈଠକ ସଭାପତି ପ୍ରଶାନ୍ତ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଏମଏସର ଗଞ୍ଜାମ ଜିଲ୍ଲା ସଭାପତି ଭବାନୀ ଶଙ୍କର ଦାଶ, ସମ୍ପାଦକ ଅର୍ଜୁନ ବେହେରା, ୟୁନିଅନର କର୍ଯ୍ୟକାରୀ ସଭାପତି ଦିଗାମ୍ବର ମାହାଙ୍କୁଡ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼, ସମ୍ପାଦକ ରାମାରାଓ ରେଡ୍ଡୀଙ୍କ ସମେତ ୟୁନିଅନର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ବୈଠକରେ ଶ୍ରମିକ ମାନଙ୍କ ଉନ୍ନତି ସହ କମ୍ପାନୀର ଉନ୍ନତି କଥା ଆଲୋଚନା ହୋଇଥିଲା। ଶ୍ରମିକ ମାନଙ୍କ ଦାବୀ ପୂରଣ ନ ହେଲେ ଆସନ୍ତା ମାର୍ଚ୍ଚ ୧ ତାରିଖ ଦିନ ଧାରଣା ଦିଆଯିବ ବୋଲି ସ୍ଥିର ହୋଇଥିଲା।

## ଘର ପଟ୍ଟା ନଥିବାରୁ ପ୍ରମାଣପତ୍ର ମିଳୁନି

# ପିଲାଙ୍କ ପାଠପଢ଼ା ଚିନ୍ତାରେ ଅଭିଭାବକ

**ଧରାକୋଟ, ୨୫ ।୨(ସମିସ)**

ଦିନେ ନୁହେଁ, ବର୍ଷେ ନୁହେଁ, ବାପ ଅଜା ଅମଳରୁ ପ୍ରାୟ ଶହେରୁ ଅଧିକ ବର୍ଷ ହେଲା ସେମାନେ ସ୍ଥାୟୀ ବସତି ସ୍ଥାପନ କରି ରହିଛନ୍ତି। ହେଲେ ସେମାନଙ୍କର ସ୍ଥାୟୀ ଘର ପଟ୍ଟା ନାହିଁ। ପାଖରେ ଧରାକୋଟର ତତ୍କାଳୀନ ରାଜା ସ୍ୱର୍ଗତ ପଦ୍ମନାଭ ସିଂହ ଦେଓ ୧୯୧୪ ମସିହାରେ ଦେଇଥିବା ଏକ ଲିଖିତ ସତ୍ତ୍ୱ ରହିଛି। ଯାହାକି କୌଣସି କାମରେ ଆସୁନି। ପଟ୍ଟା ନଥିବା ଯୋଗୁଁ ନିଜ ସ୍କୁଲ ପଢୁଆ ପିଲା ମାନଙ୍କର ସ୍ଥାୟୀ ବାସିନ୍ଦା, ଆୟ, ଜାତିଗତ ପ୍ରମାଣପତ୍ର ହୋଇପାରୁନାହିଁ। ଅନ୍ୟ ପଟେ ଆର୍ଥିକ ସ୍ଥିତିର ସୁଧାର ପାଇଁ ଗୃହ ଋଣ ମିଳୁନଥିବା ବେଳେ ବିଦ୍ୟୁତ ସଂଯୋଗ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ସେହିପରି ପିଲାଙ୍କର ଆବଶ୍ୟକ ପ୍ରମାଣପତ୍ର ହୋଇପାରୁଥିବା ଯୋଗୁଁ ପିଲାଏ ବିଦ୍ୟାଳୟକୁ ଯିବାପାଇଁ ସ୍ପଷ୍ଟ ମନା କରୁଛନ୍ତି। ପିଲାମାନେ ପାଠ ଛାଡ଼ିବା ସ୍ଥିତିକୁ ଆସିଯାଇଥିବାରୁ ଚିନ୍ତାରେ ପଡ଼ିଛନ୍ତି ଅଭିଭାବକ। ଧରାକୋଟ ବ୍ଲକର ବାହାରପୁର ପଞ୍ଚାୟତ ସଦରମହକୁମାର ୧ନଂ ୱାର୍ଡର ୪ଟି ପରିବାର ଓ ୨ନଂ ୱାର୍ଡର ୨୬ଟି ପରିବାର ଗାଁର ତେଲି ସାହିରେ ଶହେରୁ ଅଧିକ ବର୍ଷ ହେଲା ସ୍ଥାୟୀ ଭାବରେ ବସବାସ କରି ଆସୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ତାଙ୍କୁ ସ୍ଥାୟୀ ଘରବାରି ପଟ୍ଟା ପ୍ରଦାନ କରାଯାଇନାହିଁ। ପରିବର୍ତ୍ତିତ ପରିସ୍ଥିତିରେ ସମ୍ପ୍ରତି ସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟରେ ପାଠ ପଢ଼ା ପାଇଁ ପ୍ରମାଣପତ୍ର ଆବଶ୍ୟକ ପଡୁଛି। ଏଣୁ ବାହାରପୁର ତେଲି ସାହିର ତିରିଶି ଗୋଟି ପରିବାରର ମୁଖିଆ ପ୍ରଶାନ୍ତ ସାହୁ, ରତ୍ନମାଳା ସାହୁ, ରାମନାଥ ଭୂୟାଁ, ଯୋଗୀ ବେହେରା, ଅଚ୍ୟୁତ ବେହେରା, ଲାବଣ୍ୟ ସାହୁ ଓ ଝୁନୁ ସାହୁ ପ୍ରମୁଖ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ଲିଖିତ ଅଭିଯୋଗ କରି ପଟ୍ଟା ପ୍ରଦାନ ପାଇଁ ଗୁହାରି କରିଛନ୍ତି। ଘଟଣା ସମ୍ପର୍କରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ଲୋକଙ୍କ ସମସ୍ୟା ସମ୍ପର୍କରେ ମୁଁ ଅବଗତ ହେଲି। ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଏହା ପରେ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯିବ ବୋଲି କହିଛନ୍ତି।



## ଭୋଜିରେ ଖାଦ୍ୟ ନିଅଣ୍ଟରୁ ବୁଲିଲା ଖଣ୍ଡା

**ହୁମ୍ମା, ୨୫ ।୨(ସମିସ):** ରମ୍ଭା ଥାନା ଅଞ୍ଚଳର ପାଲୁର ନିକଟସ୍ଥ ଡାଲଖାଇ ଗ୍ରାମରେ ଜନ୍ତାଳ ଭୋଜିରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଖାଦ୍ୟ ନିଅଣ୍ଟରୁ ଗାଁରେ ବୁଲିଲା ଖଣ୍ଡା। ଉଭୟ ଗୋଷ୍ଠୀ ପକ୍ଷରୁ ରମ୍ଭା ଥାନାରେ ଅଭିଯୋଗ ହୋଇଛି। ଗ୍ରାମ ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚାଲିଥିବା ଜନ୍ତାଳ ଭୋଜିରେ ଖାଦ୍ୟ ପରଶୁଥିବା ବ୍ୟକ୍ତି ଗୋପୀନାଥ ବେହେରା(୩୪) କିଛି ଖାଦ୍ୟ ନିଅଣ୍ଟ ହେବାରୁ ଅପରପକ୍ଷ ଗୋଷ୍ଠୀର କିଛି ବ୍ୟକ୍ତିମାନେ ବିଭିନ୍ନ ମାରଣାସ୍ତ୍ର ଦ୍ୱାରା ଗୋପୀନାଥଙ୍କୁ ଆକ୍ରମଣ କରିଥିଲେ। ଅସହାୟ ଅବସ୍ଥାରେ ଗୋପୀନାଥ ପୋଲିସ ସହାୟତା ନମ୍ବର ୧୧୨କୁ କଲ୍ କରିବାରୁ ଘଟଣାସ୍ଥଳକୁ ରମ୍ଭା ପୋଲିସ ପହଞ୍ଚି ଅଭିଯୋଗକାରୀଙ୍କୁ ଉଦ୍ଧାର କରିଥିଲେ। ଗୋପୀନାଥଙ୍କ ଅଭିଯୋଗକୁ ଭିତ୍ତିକରି ରମ୍ଭା ଥାନାରେ କେସନଂ: ୧୩୦/୨୪ ଅନୁଯାୟୀ ଅପରପକ୍ଷ ଗୋଷ୍ଠୀର ୪ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସେପଟେ ଅନ୍ୟ ଗୋଷ୍ଠୀର ପୁଷ୍ପାଞ୍ଜଳୀ ବେହେରା(୨୧) ନାମକ ଯୁବତୀ ପାଲଟା ରମ୍ଭା ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଗୋପୀନାଥ ବେହେରା କିଛି ଗୁଣ୍ଡାକୁ ଆଣି ଖଣ୍ଡା ଧରି ଆକ୍ରମଣ ଉଦ୍ୟମ କରିଥିବା ପାଲଟା ଏତେଲାରେ ଦର୍ଶାଇଛନ୍ତି। ପୁଷ୍ପାଞ୍ଜଳୀଙ୍କ ଅଭିଯୋଗ ଅନୁଯାୟୀ ଗୋପୀନାଥ ବେହେରା ସମେତ ୩ ଜଣଙ୍କ ନାମରେ ରମ୍ଭା ଥାନାରେ ୧୩୧/୨୪ ମାମଲା ରୁଜୁ କରିଛି ପୋଲିସ। ଉଭୟ ପକ୍ଷର ମାମଲାର ରମ୍ଭା ଥାନା ଏସଆଇ ଆର.କେ ପ୍ରଧାନ ତଦନ୍ତ ଜାରି ରଖିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

**ପୁରୁଷୋତ୍ତମପୁର, ୨୫ ।୨(ସମିସ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର-ବ୍ରହ୍ମପୁର ରାଜ୍ୟ ରାଜପଥ ଭାଟକୁମରଡା ଏସବିଆଇ ନିକଟରେ ଏକ ଗୁଡି ବୋଝେଇ ହାଇୱା ସହ ବାଇକ୍ ମୁହାଁମୁହିଁ ଧକ୍କା ଫଳରେ ବାଇକ୍ ଆରୋହିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ ଓଡି୦୭ ଏଏସ-୨୭୭୨ ହାଇୱା ଗୁଡି ବୋଝେଇ କରି ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଦୁଇଜଣ ଯୁବକ କବିସୂର୍ଯ୍ୟନଗର ଥାନା ଅର୍ନ୍ତଗତ କେ ସାମନ୍ତରାପୁର ଗ୍ରାମର ବାବୁ ଭୂୟାଁ(୨୬), ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ନଳିହାଡ ଗ୍ରାମର ମନୋଜ ବିଷୋୟୀ ଓଡି୦୭ ଆର ୮୯୪୬ ବାଇକ୍ ଯୋଗେ ଭାଟକୁମରଡା ଆସୁଥିଲେ। ଷ୍ଟେଟବ୍ୟାଙ୍କ ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଥିବା ଦୁହେଁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କର ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲ ନେଇଥିଲେ। ସେଠାରେ ବାଇକ୍ ଆରୋହି ବାବୁ ଭୂୟାଁକୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦ୍ୱୟକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

## ଯୁବକଙ୍କ ଆତ୍ମହତ୍ୟା

**ରଙ୍ଗେଇଲୁଣ୍ଡା, ୨୫ ।୨(ସମିସ):** ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଅଧିନସ୍ଥ ଏକ ଜଙ୍ଗଲ ନିକଟରେ ଗଛରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣେ ଯୁବକଙ୍କ ଶବକୁ ପୁଲିସ ରବିବାର ଉଦ୍ଧାର କରିଛି। ମୃତକ ହେଲେ ଜାଲାରୀପେଣ୍ଠ ଗ୍ରାମ ବି ରାଙ୍ଗା ରାଓ (୪୪) ବୋଲି ପୋଲିସ ସୂଚନା ଦେଇଛି। ଜାଲାରୀପେଣ୍ଠ ଗ୍ରାମର ଶେଷ ଭାଗରେ ରାଙ୍ଗା ରାଓ ରହୁଥିଲା। କୌଣସି କଥା ନେଇ ରାଙ୍ଗା ରାଓ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଗ୍ରାମ ନିକଟଥିବା ୨ କିମି ଦୂର ଥିବା ଜଙ୍ଗଲରେ ଏକ ଗଛରେ ରସି ଲଗାଇ ରାଙ୍ଗା ରାଓ ଝୁଲୁ ପଡ଼ିଥିଲେ। ରବିବାର ସକାଳେ ଜଣାପଡ଼ିବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଏନେଇ ମୃତକଙ୍କ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଥାନା କେଶନଂ ୫/୨୪ ପ୍ରକାରେ ଅପମୃତ୍ୟୁ ମାମାଲାରୁଜୁ କରି ଘଟଣାର ତଦନ୍ତ କରୁଛି।

## ୮୧ ୟୁନିଟ୍ ରକ୍ତ ସଂଗୃହୀତ

**ପାତ୍ରପୁର, ୨୫ ।୨(ସମିସ):** ମନୁସେନା ପକ୍ଷରୁ ପାତ୍ରପୁର ଠାରୁ ରବିବାର ଦିନ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପାତ୍ରପୁର ବ୍ଲକ ଅଧ୍ୟକ୍ଷା ୱାଇ. ସଂଯୁକ୍ତା, ମନୁସେନା ସମ୍ପାଦିକା ମୀନା ଦ୍ୟାନସାମନ୍ତରା, ମନୁସେନା ପ୍ରତିଷ୍ଠାତା ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ଆଇନଜୀବୀ ତ୍ରିନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ପାତ୍ରପୁର ବ୍ଲକ ଉପାଧ୍ୟକ୍ଷ, ମନୁସେନା ପ୍ରତିଷ୍ଠାତା, ଜଣେ ସାମ୍ବାଦିକ, ୨ଶିକ୍ଷକ, ୪ଜଣ ମହିଳାଙ୍କ ସମେତ ମୋଟ ୮୧ ଜଣ ରକ୍ତଦାନ କରିଥିଲେ। ଏହି ଶିବିରରେ ବ୍ରହ୍ମପୁର ରକ୍ତ ଭଣ୍ଡାରର କର୍ମଚାରୀ ମାନଙ୍କ ସମେତ ମାଗତା ଅଧିକାରୀ, ତୁଫାନ୍ ଅଧିକାରୀ, ଜିତୁ ସାହୁ, କାଳିଆ ଆଚାରୀ, ଶଙ୍କର ବେହେରା, ଦେବଦତ୍ତ ପଣ୍ଡା, କିରଣ ଅଧିକାରୀ, ବାଲାଜି ପାଢ଼ୀ, ରଞ୍ଜୀ ପ୍ରଧାନ ପ୍ରମୁଖଙ୍କ ସମେତ ମନୁସେନାର ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ।

## ରମ୍ଭା ସହର ସମ୍ପ୍ରସାରଣରେ ଅବହେଳା

# କାଗଜକଲମରେ ମାଷ୍ଟରପ୍ଲାନ୍

**ହୁମ୍ମା/ରମ୍ଭା, ୨୫ ।୨(ସମିସ):** ସହରରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାସ୍ତା ସମ୍ପ୍ରସାରଣର ଅବହେଳା। ପୂର୍ବରୁ ତିନିଥର ମାଷ୍ଟରପ୍ଲାନ ଆସିଥିଲେ ମଧ୍ୟ ରମ୍ଭା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ରମ୍ଭା ସହରର କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସଲାସୁତାରାରେ ତାହା କାର୍ଯ୍ୟ କ୍ଷମ ହୋଇପାରିନାହିଁ। ଐତିହାସିକ ରମ୍ଭା ସହରକୁ ଓଡ଼ିଶା ସରକାର ପର୍ଯ୍ୟଟନ ଓ ବିଭିନ୍ନ ବିକାଶ କ୍ଷେତ୍ରରେ ଗୁରୁତ୍ୱ ଦେବା ବେଳେ ସ୍ଥାନୀୟ ପ୍ରଶାସନର ସମ୍ପ୍ରସାରଣର ଅବହେଳାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯାଉଛି। ରମ୍ଭା ଏନଏସିକୁ ୧୩ଟି ୱାର୍ଡ ସମେତ ଖଲ୍ଲିକୋଟ ବ୍ଲକର ସାବୁଳିଆ, ଗଞ୍ଜାମ ବ୍ଲକର ସାନ ରାମଚନ୍ଦ୍ରପୁର, ରାମଗଡ଼, ହୁମ୍ମା, ସୁବଳୟା, ଝାରେଡ଼ି ରାଧାଗୋବିନ୍ଦପୁର ପଞ୍ଚାୟତ, ଖଣ୍ଡିଦେଉଳି ପଞ୍ଚାୟତ, ମଲାଟ ପଞ୍ଚାୟତ, ସନ୍ତୋଷପୁର ପଞ୍ଚାୟତ ଓ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକର ହଜାର ହଜାର ଜନସାଧାରଣ, ବ୍ୟବସାୟୀ ନିର୍ଭର କରିଥାନ୍ତି। ତେବେ ରାସ୍ତା ସମ୍ପ୍ରସାରଣ ନହେବା କାରଣରୁ ବଜାର ରାସ୍ତା ଭିଡ଼ ଜମୁଛି। ଦୁର୍ଘଟଣା ଘଟିବା ସହ ବିଶୃଙ୍ଖଳା ବଢୁଛି। ଏନଏସିର ବଜାର ମୁଖ୍ୟ ରାସ୍ତା ସମ୍ପ୍ରସାରଣ ନହେବା କାରଣରୁ ଜନସାଧାରଣ

ରାସ୍ତା ପାର୍ଶ୍ୱରେ ପାର୍କିଂ ବ୍ୟବସ୍ଥା ଅଭାବରୁ ରାସ୍ତା ସଂକୋଚିତ ହୋଇଥିବା ଦେଖିବାକୁ ମିଳୁଛି। ଦିନକୁ ଦିନ ରମ୍ଭା ସହରରେ ଜନସଂଖ୍ୟା ବୃଦ୍ଧି ଓ ରାସ୍ତା ଉପରକୁ ଦୋକାନ ବଜାର ଘର ନିର୍ମାଣ କରି ରାସ୍ତା ସଂକୋଚିତ ହେବାରେ ଲାଗିଛି। ରମ୍ଭା ସହର ଏନଏସି ପ୍ରଶାସନ ପକ୍ଷରୁ ସମ୍ପ୍ରସାରଣ ପାଇଁ ଆସିଥିବା ମାଷ୍ଟର ପ୍ଲାନ ପାଇଁ ବାରମ୍ବାର ରାସ୍ତା ଦୁଇ ପାର୍ଶ୍ୱରେ ସମ୍ପ୍ରସାରଣ ଚିହ୍ନଟ କରାଯାଇଥିଲେ ମଧ୍ୟ କେଉଁ ଇଙ୍ଗିତରେ କାର୍ଯ୍ୟ ବନ୍ଦ ହେଉଛି ତାହା ପ୍ରଶ୍ନବାଚୀ। ଓଡ଼ିଶା ସରକାର ଦୃଷ୍ଟି ଆକର୍ଷଣ କରି ରମ୍ଭା ଏନଏସିର ମାଷ୍ଟର ପ୍ଲାନକୁ ନେଇ ସ୍ଥାନୀୟ ପ୍ରଶାସନର ଅବହେଳା ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ସହ ରମ୍ଭା ସହରର ସମ୍ପ୍ରସାରଣ ଓ ଆଲୋକୀକରଣ ଉପରେ ଦୃଷ୍ଟି ଦେବା ପାଇଁ ରମ୍ଭା ସହରବାସୀଙ୍କ ଦାବି କରିଛନ୍ତି।



## ମୁଖ୍ୟମନ୍ତ୍ରୀ ସଡ଼କର ଭିତ୍ତିପ୍ରସ୍ତର ସ୍ଥାପନ

**ଆସିକା, ୨୫ ।୨(ସମିସ):** ଆସିକା ବ୍ଲକ ଅନ୍ତର୍ଗତ ନିମିନା ଠାରୁ ମଦନଗଣ୍ଡା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ। ୪ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ହେବା ଦ୍ୱାରା ବିଭିନ୍ନ ପଞ୍ଚାୟତ ର ଗ୍ରାମ ବାସି ଉପକୃତ ହେବେ। ଏହି ଅବସରରେ ବିଜେଡି ଜିଲ୍ଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ଅଭିମନ୍ୟୁ ନାହାକଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗର ବହୁ ପଦାଧିକାରୀ ଓ ବହୁ ନିର୍ବାଚିତ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ବ୍ଲକ୍ ଅଧ୍ୟକ୍ଷ

**କୁକୁଡ଼ାଖଣ୍ଡି, ୨୫ ।୨(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବାଲିପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୫୫ ଜଣଙ୍କ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ବଣ୍ଟନ କରାଯାଇଛି। ସରପଞ୍ଚ ଝିଲି ସେଠୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ନାଏବ ସରପଞ୍ଚ ସଞ୍ଜୟ କୁମାର ସେଠୀ, ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର ସେଠୀ, ଗୋବିନ୍ଦ ବିଷୋୟୀ, ସଞ୍ଜୟ ପାଣିଗ୍ରାହୀ, ମନୋଜ ବିଷୋୟୀ, ଜିଆରଏସ ରୋଜି ପାତ୍ରଙ୍କ ଜରିଆରେ ପ୍ରତ୍ୟେକ ନୂତନ ହିତାଧିକାରୀଙ୍କୁ ୧ ମାସର ଭତ୍ତା ଟଙ୍କା ବଣ୍ଟନ କରିଥିଲେ। ୧୨ ଶହେ ଟଙ୍କା ଓ ଏକ ହଜାର ଟଙ୍କା ୫୫ ଜଣଙ୍କ ୫୬ ହଜାର ୬୦୦ଟଙ୍କା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା କର୍ମଚାରୀ ସହଯୋଗ କରିଥିଲେ।

# ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର

**ଧରାକୋଟ, ୨୫ ।୨(ସମିସ):** ଚଳିତ ବର୍ଷ ପାଇଁ ବ୍ଲକସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ତାଲିକାରେ ଧରାକୋଟ ବ୍ଲକ ସାବା କ୍ଲଷ୍ଟରର ଝିଲିମିଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଟି. ତ୍ରିପତି ପାତ୍ର ସ୍ଥାନ ପାଇଛନ୍ତି। ଗତ ଶନିବାର ଦିନ ଛତ୍ରପୁରରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବରେ ଆସିକା ସାଂସଦ ପ୍ରମିଳା ବିଷୋୟୀ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ମିଳିତ ଭାବରେ ଜିଲ୍ଲାର ସମସ୍ତ ବିଧାୟକଙ୍କ ଉପସ୍ଥିତିରେ ଧରାକୋଟ ବ୍ଲକର ଏକ ମାତ୍ର ଶିକ୍ଷକ ଭାବରେ ଶ୍ରୀ ପାତ୍ରଙ୍କୁ ବ୍ଲକସ୍ତରୀୟ ଶ୍ରେଷ୍ଠ ଶିକ୍ଷକ ଭାବରେ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ସେ ବିଇଓ ଲିଙ୍ଗରାଜ ସ୍ୱାଇଁ, ଏବିଇଓ ପ୍ରଦୀପ କୁମାର ହୋତା, ପ୍ରଦୀପ କୁମାର ଶତପଥୀ, ଉମାଚରଣ ପାଣିଗ୍ରାହୀ, ସିଆରସିସି କୃଷ୍ଣ ନାୟକ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜୀବ ସାହୁଙ୍କ ମାର୍ଗଦର୍ଶନ ସହ ସାବା କ୍ଲଷ୍ଟରର ସମସ୍ତ ଶିକ୍ଷକ ମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲା ସ୍କୁଲ

**ଗଞ୍ଜାମ, ୨୫ ।୨(ସମିସ):** ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଛତ୍ରପୁର ଷ୍ଟାଡିଅମ ଠାରେ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମୋ ସ୍କୁଲ ତରଫରୁ ଆୟୋଜିତ ହୋଇଥିଲା। ଅତିଥି ଭାବେ ଆସିକା ସାଂସଦ ପ୍ରମିଳା ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଡିଆରଡିଏ ଅଧ୍ୟକ୍ଷ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲ୍ଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ, ମୋ ସ୍କୁଲ ଡେପୁଟି ଡାଇରେକ୍ଟର ଅବିନାଶ ଶତପଥୀ, ସମସ୍ତ ଏଡିଇଓ, ବିଇଓ ଉକ୍ତ ଉତ୍ସବରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ର ଛାତ୍ରୀ, ବିଦ୍ୟାଳୟ, ଶିକ୍ଷକ, ଆଲୁମ୍ନି, ପଞ୍ଚାୟତ, ବିଦ୍ୟାଳୟ ପରିଚାଳନା କମିଟିଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ବିଦ୍ୟାଳୟ ଓ ପ୍ରଧାନ ଶିକ୍ଷକ ଭାବେ ଗଞ୍ଜାମ ବ୍ଲକ ତରଫରୁ ଗଞ୍ଜାମ ଏନଏସି ତଥା ପୁଇଁତୋଳା କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜୟଶ୍ରୀ ଏବଂ ପ୍ରଧାନ ଶିକ୍ଷକ ବିପ୍ର ଚରଣ ସାହୁ, କରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପ୍ରଧାନ ଶିକ୍ଷକ ଶ୍ରୀ ପାତ୍ର, ଦାମୋଦରପୁର ୟୁପି ସ୍କୁଲ ଓ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ ଏବଂ ଶ୍ରେଷ୍ଠ ଶିକ୍ଷକ ଭାବେ ଶେଷଦେବ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା।





# ଭଙ୍ଗା କୁଡ଼ିଆରେ ଜୀବନ, ଆବାସ ଗୃହ ପ୍ରହସନ

**ମୋହନା, ୨୫।୨(ସମିସ):** ଅସହାୟ ଗରିବ ଯେଉଁଭଳି ଭାବେ ପକ୍କା ଘରେ ସୁରକ୍ଷିତ ଜୀବନ ଯାପନ କରିବେ ସେ ନେଇ ସରକାର ପକ୍କାଘର ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। କିନ୍ତୁ ସ୍ଥାନୀୟ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁଁ ପକ୍କାଘର ଘର ଖଣ୍ଡିଏ ନ ପାଇ ହନ୍ତସନ୍ତ ହେଉଛନ୍ତି ଯୋଗ୍ୟ ହିତାଧିକାରୀ। ଗଜପତି ଜିଲ୍ଲା ମୋହନା ବ୍ଲକ କର୍ଚବାଡି ପଞ୍ଚାୟତ ଠାରୁ ପ୍ରାୟ ଦୁଇ ଶହ ମିଟର ଦୂରରେ ରହିଛି ସବିତା ମଲିକଙ୍କ ଘର। ସବିତାଙ୍କ ପାଞ୍ଚଟି କୋମଳମତି ଶିଶୁ ତାଙ୍କ ଶତାୟୁ ମା ସୁନ୍ଦରୀଙ୍କୁ



ମିଶାଇ ମୋଟ ସାତ ଜଣ ଏହି କୁଡିଆ ଘରେ ରହୁଛନ୍ତି। ଦୀର୍ଘ ବର୍ଷ ହେବ କୁଲି ମଜୁରୀ କରି ସେ ଜୀବନ ଯାପନ କରୁଛନ୍ତି। ପକ୍କାଘର ପାଇଁ ପଞ୍ଚାୟତରେ ବାରମ୍ବାର ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। ସବିତାଙ୍କ ପରିବାରରେ ମୋଟ ସାତଜଣ ଥିବା ବେଳେ କେବଳ ଦୁଇଜଣଙ୍କ ନାମ ରାସନକାର୍ଡରେ ଥିବା ଯୋଗୁଁ ମାସିକ ମାତ୍ର ଦଶ କିଲୋ ଚାଉଳ ମିଳୁଛି। ଅନ୍ୟ ପାଞ୍ଚ ଜଣଙ୍କ ନାମ ହିତାଧିକାରୀ ତାଲିକା ଯୋଗକରିବା ପାଇଁ ବାରମ୍ବାର ଗୁହାରି ଜଣାଇଲେ ମଧ୍ୟ କେହି ସହଯୋଗ କରୁ ନ ଥିବା ଅଭିଯୋଗ ହୋଇଛି। ସବିତାଙ୍କ ଶତାୟୁ ବୃଦ୍ଧା ମା'ସୁନ୍ଦରୀ ଭତ୍ତା ପାଉଛନ୍ତି କିନ୍ତୁ ରୋଗଗ୍ରସ୍ତ ଯୋଗୁଁ ପଞ୍ଚାୟତକୁ ଚାଲି ଯାଇପାରୁ ନ ଥିବା ଯୋଗୁଁ ଅନେକ ଥର ତାଙ୍କୁ ଭତ୍ତା ମିଳି ନ ଥିବା କହିଛନ୍ତି।

ଏଭଳି ସମସ୍ୟା ଯୋଗୁଁ ସେମାନଙ୍କ ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି ଗ୍ରାମବାସୀ। ସରକାର ବାସ୍ତବରେ ଲୋକଙ୍କ ଉପକାର ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। କିନ୍ତୁ ପ୍ରାଥମିକ ସ୍ତରରୁ କିଛି ଦୁର୍ନୀତି ଖୋର ନେତା ହୁଅନ୍ତୁ ବା ସରକାରୀ ବାବୁଙ୍କ ଯୋଗୁଁ ସରକାରୀ ଯୋଜନାର ଲାଭ ପାଇପାରୁନାହାନ୍ତି ଯୋଗ୍ୟ ହିତାଧିକାରୀ। ଏନେଇ ମୋହନା ବିଡ଼ିଓଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ବିଜୁ ଜନତା ଦଳର ମିଶ୍ରଣ ପର୍ବ

# ସାମିଲ ହେଲେ ହଜାରେରୁ ଉର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ

**ତୁମୁଡିବନ୍ଧ, ୨୫।୨(ସମିସ)**

ସାଧାରଣ ନିର୍ବାଚନ ପୂର୍ବରୁ ତୁମୁଡିବନ୍ଧ ବ୍ଲକରେ ଶକ୍ତିଶାଳୀ ଓ ସୁଦୃଢ଼ ହେଉଛି ବିଜେଡି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହେଇ ତୁମୁଡିବନ୍ଧ ବ୍ଲକ ବିଜେଡି ସଭାପତି ତଥା ସାଂସଦଙ୍କ ପ୍ରତିନିଧି ପ୍ରମୋଦ ସାହୁଙ୍କ ନେତୃତ୍ୱରେ ବିଜେପି ଓ କଂଗ୍ରେସ ଛାଡି ବିଜେଡିରେ ସାମିଲ ହେଉଛନ୍ତି ହଜାର ହଜାର କର୍ମୀ। ରବିବାର ଦିନ ତୁମୁଡିବନ୍ଧରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେଇଥିଲା। ଏଥିରେ ବିଜେପି ଓ କଂଗ୍ରେସ ଦଳ ଛାଡି ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାରେ ସାମିଲ ହେବାକୁ ବିଜେଡିରେ ସାମିଲ ହେଇଛନ୍ତି ୧୦୦୦ରୁ ଅଧିକ ବିଜେପି ଓ କଂଗ୍ରେସ କର୍ମୀ। ଏଥିନେଇ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିଗୁଡା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସ, ସମ୍ମାନିତ ଅତିଥି ଭାବେ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ବାଲିଗୁଡା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରାଜୀବ ପାତ୍ର, ବାଲିଗୁଡା ନଗର ବିଧାୟକ ପ୍ରତିନିଧି ଅବନୀ କାନ୍ତ ନାୟକ, ତୁମୁଡିବନ୍ଧ ବ୍ଲକ ସଭାପତି ପ୍ରମୋଦ ସାହୁ, ବ୍ଲକ ସଭାନେତ୍ରୀ ରାଣୁବାଳା




ମହାନ୍ତି, କନ୍ଧମାଳ ଜିଲ୍ଲା ମହିଳା ଜନତା ଦଳ ସମ୍ପାଦିକା ନଳିନୀ ପ୍ରଧାନ, ବ୍ଲକ ଯୁବ ସଭାପତି ରାମଚନ୍ଦ୍ର ଚାନ୍ଦ, ବ୍ଲକ ବିଜୁ ଛାତ୍ର ଜନତାଦଳ ସଭାପତି ସୁଜିତ କୁମାର ସାହୁ, କନ୍ଧମାଳ ଜିଲ୍ଲା ଛାତ୍ର ଜନତା ଦଳ ଉପସଭାପତି ବାବୁଛେନ ମଣ୍ଡଳ, କନ୍ଧମାଳ ଜିଲ୍ଲା ଡିଜିଟାଲ ସେକ୍ରେଟାରୀ ସାମୁଏଲ ନାୟକ, ବ୍ଲକ ଉପସଭାପତି ଅମୀୟ ପରାସେଟ ଓ ତୁମୁଡିବନ୍ଧ ବ୍ଲକର ସମସ୍ତ ପଞ୍ଚାୟତ ସଭାପତି, ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ତୁମୁଡିବନ୍ଧ ପଞ୍ଚାୟତର ଜଣେ ବରିଷ୍ଠ ନେତା ଶ୍ୟାମ ପରିଡ଼ା, ଯୁବ ନେତା ସୁଶାନ୍ତ ପ୍ରଧାନ ଓ କନ୍ଧମାଳ ଜିଲ୍ଲା ମହିଳା ଜନତା ଦଳର ସାଧାରଣ ସମ୍ପାଦକ ନଳିନୀ ପ୍ରଧାନଙ୍କ ନେତୃତ୍ୱରେ ବେନାରାବାହାଲ, ନୂଆମୁଣ୍ଡା, ଲାବଣ୍ୟନଗର, ଶ୍ରଦ୍ଧାପୁରରୁ ୨୦୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେପି ଛାଡି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହେଇଥିଲେ। ସେହିପରି ତୁମୁଡିବନ୍ଧ ବ୍ଲକ ବିଜୁ ଜନତା ଦଳ ବ୍ଲକ ଯୁଗ୍ମ ସମ୍ପାଦକ ପିତାମ୍ବର ସାହୁ ଓ ଝୁନା ପରିଡ଼ାଙ୍କ ନେତୃତ୍ୱରେ ବାହାଲପଦା, ଉଦୁଲିପଡ଼ା, ଆମ୍ବେଦକର ଛକ, ସୁରୁପଦର, ମହୁଲଭୁରି ଗ୍ରାମରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କର୍ମୀ କଂଗ୍ରେସ ଓ ବିଜେପି ଛାଡି ବିଜୁ ଜନତା ଦଳରେ ସାମିଲ ହେଇଛନ୍ତି। ତୁମୁଡିବନ୍ଧ ବ୍ଲକ ଯୁବ ସଭାପତି ରାମଚନ୍ଦ୍ର ଚାନ୍ଦ, ଫିଲୁ ସାହୁଙ୍କ ନେତୃତ୍ୱରେ ବଜାର ସାହି, ବଡ଼ସାହି, ମଞ୍ଜିଆପଦା, ଖାରି ସାହି, ବଡ଼ସାହି, ମଞ୍ଜିଆପଦା ଗ୍ରାମରୁ ପ୍ରାୟ ୩୦୦ରୁ ଅଧିକ ମହିଳା ଓ ଯୁବ କର୍ମୀ ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ସାମିଲ ହେଇଥିଲେ। ବ୍ଲକ ଛାତ୍ର ଉପସଭାପତି ବିକାଶ ନାୟକଙ୍କ ନେତୃତ୍ୱରେ ବୁଢ଼ାପଡ଼ା ଗ୍ରାମର ୧୦୦ କର୍ମୀ କଂଗ୍ରେସ ଛାଡି ବିଜୁ ଜନତା ଦଳରେ ସାମିଲ ହେଇଛନ୍ତି। ଯୁବ ନେତା ମଳୟ ନାୟକ ଓ ଲାଲା ନାୟକଙ୍କ ନେତୃତ୍ୱରେ ତୁମୁଡିବନ୍ଧ ପଞ୍ଚାୟତ ଶଗଡ଼ିଆସାହି ଗ୍ରାମର ପ୍ରାୟ ୩୦ ଯୁବକ ଓ ୨୦ ଜଣ ମହିଳା କର୍ମୀ କଂଗ୍ରେସ ଓ ବିଜେପି ଛାଡି ବିଜେଡିରେ ସାମିଲ ହେଇଛନ୍ତି। ଯୁବ ନେତା ନନ୍ଦ ନାୟକଙ୍କ ନେତୃତ୍ୱରେ ତୁମୁଡିବନ୍ଧ ପଞ୍ଚାୟତର ଲୋହରାସାହି ଗ୍ରାମର ପ୍ରାୟ ୫୦ ଜଣ ଯୁବକ କଂଗ୍ରେସ ଛାଡି ବିଜେଡିରେ ସାମିଲ ହେଇଥିଲେ। ତୁମୁଡିବନ୍ଧ ପଞ୍ଚାୟତ ସଭାପତି ଜିସାୟ ମଣ୍ଡଳ ଓ କନ୍ଧମାଳ ଜିଲ୍ଲା ବିଜୁ ଯୁବ ଜନତା ଦଳର ଯୁଗ୍ମ ସମ୍ପାଦକ ବେଲାରସେନ ପରାସେଟଙ୍କ ନେତୃତ୍ୱରେ ମାଳିପଡ଼ା, ପାଞ୍ଜିଙ୍ଗମାସ୍କା, ପଲମ, ବଲମ, ନିଲିଙ୍ଗପଦର, ଭଳିଆପାଣି, ଗୁରୁପଡ଼ା, କାଳିସାପଦାର ଗ୍ରାମର ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା କଂଗ୍ରେସ ଓ ବିଜେପି ଛାଡି ବିଜେଡିରେ ସାମିଲ ହେଇଥିବାର ଜଣାପଡ଼ିଛି। ବାଲିଗୁଡା ପର୍ଯ୍ୟବେକ୍ଷକ ଅଜୟ ମହାରଣା ଓ ବାଲିଗୁଡା ସଂଯୋଜକ ଟୁନା ଦାସ ଦଳୀୟ ଉତ୍ତରୀୟ ପରିଧାନ କରେଇ ନୂତନ ଭାବେ ଦଳରେ ସାମିଲ ହେଇଥିବା କର୍ମୀଙ୍କୁ ସ୍ୱାଗତ କରିଥିଲେ।

# ବ୍ୟବସାୟୀ ସଂଘ କର୍ମକର୍ତ୍ତାଙ୍କ ବିଶାଖାପାଟଣା ଗସ୍ତ



**ଜି.ଉଦୟଗିରି, ୨୫ ।୨(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବ୍ୟବସାୟୀ ସଂଘର ବନବିହାର କାର୍ଯ୍ୟକ୍ରମରେ ଶତାଧିକ ବ୍ୟବସାୟୀ ବିଶାଖାପାଟଣା ଯାତ୍ରା କରିଥିଲେ। ସଂଘ ସଭାପତି ସମୀର କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶାଖାପାଟଣାର ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରିଥିଲେ। ଶତାଧିକ ବ୍ୟବସାୟୀ ଯିବା ଦୁଇଟି ବସର ବ୍ୟବସ୍ଥା ହେଇଥିବା ବେଳେ ବରିଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ସଂଘ ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ, ଉପ ସଭାପତି କାଳୁ ଚରଣ ପଣ୍ଡା, ସହ ସମ୍ପାଦକ ସନ୍ତୋଷ ପାତ୍ର, କୋଷାଧ୍ୟକ୍ଷ ମାନସ ରଞ୍ଜନ ଦାଶଙ୍କ ସହିତ କାର୍ଯ୍ୟକାରିଣୀ ସଭ୍ୟ ଦେବୀ ପ୍ରସାଦ ଦାଶ, ଚନ୍ଦନ ପାଣିଗ୍ରାହୀ, ସଞ୍ଜୀବ କୁମାର ସୁବୁଦ୍ଧି, ଏମ ନାରାୟଣ ପାତ୍ର, ଦିଲୀପ ମହାପାତ୍ର ଓ କୃଷ୍ଣମୂର୍ତ୍ତି ପାତ୍ର ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

## ● ଫିରିଙ୍ଗିଆରେ ସ୍ୱାସ୍ଥ୍ୟ ବିଭାଗର କେନ୍ଦ୍ରୀୟ ମାନ ନିର୍ଦ୍ଧାରଣ ଟିମ୍

# ପବିଙ୍ଗିଆ ଓ ମାସିରୀପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ଅନୁଧ୍ୟାନ

**ଫିରିଙ୍ଗିଆ, ୨୫।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ କେନ୍ଦ୍ର ସ୍ୱାସ୍ଥ୍ୟବିଭାଗର ଦୁଇ ଜଣିଆ ଟିମ ପହଞ୍ଚି ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପବିଙ୍ଗିଆ ଓ ମାସିରୀପଡ଼ା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ବୁଲି ଦେଖିବା ସହ କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରିଥିଲେ। ଦୁଇ ଜଣିଆ ଡାକ୍ତରୀ ଟିମ ପହଞ୍ଚି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ, ଅଞ୍ଚଳର ଆଶା ଓ ଅଙ୍ଗନବାଡି କର୍ମୀଙ୍କ ସହ ଆରୋଗ୍ୟ କେନ୍ଦ୍ର ମାଧ୍ୟମରେ ଦିଆଯାଉଥିବା ସୁବିଧା ସୁଯୋଗ ଓ ରୋଗୀ ସେବା ଏବଂ ଆରୋଗ୍ୟ କେନ୍ଦ୍ରରେ ସ୍ୱଚ୍ଛ ପରିବେଶ ବିଷୟରେ ଆଲୋଚନା କରିଥିଲେ। ଦୁଇ ଜଣିଆ ଡାକ୍ତରୀ ଟିମରେ ପଶ୍ଚିମବଙ୍ଗର ଡା. ନିରଞ୍ଜନ ଗଙ୍ଗୋପାଧ୍ୟାୟ ଓ ଆନ୍ଧ୍ରପ୍ରଦେଶର ଡା.ରବିକୁମାର ମନ୍ତ୍ରୀ ଅଛନ୍ତି। ଟିମର ଗସ୍ତ



ସମୟରେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରବୋଧ କୁମାର ପ୍ରଧାନ ଙ୍କ ସହ ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁମନ୍ତ କୁମାର ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ହରଗୋବିନ୍ଦ ଜାନି, ବିଏଏମ ସୁଜିତ ମହାନ୍ତି, ବିଡ଼ିଏମ ପ୍ରତ୍ୟୁଷ କାନ୍ତି, ଏମଟିଏସ ଶରତ ମହାପାତ୍ର, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଡିପିଏଚଓ ଡା. ପ୍ରଭାକର ସାହୁ, ଏଏମକ୍ୟୁ ସୁଶାନ୍ତ ସୁତାର, ପବିଙ୍ଗିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ସୁଜାତା ବେହେରା, ମାସିରୀପଡ଼ା କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ଝିଲି ନାୟକ, ସିଏଚଓ ଚିନ୍ମୟୀ ଶତପଥୀ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଶରତ କୁମାର କହଁର ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ସେବାର ମାନ ନିର୍ଦ୍ଧାରଣ ସହ ଅଞ୍ଚଳରେ ଉତ୍ତମ ମାନର ସ୍ୱାସ୍ଥ୍ୟ ସେବା ଓ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ବିକାଶ ସହ ସ୍ୱଚ୍ଛତା ଯାଞ୍ଚ କରିବା ଏହି ଗସ୍ତର ମୂଳ ଲକ୍ଷ୍ୟ ବୋଲି ପରିଦର୍ଶନରେ ଆସିଥିବା କେନ୍ଦ୍ରୀୟ ପରିଦର୍ଶକ କହିଛନ୍ତି।

# ଗଛରେ ପିଟିହେଲା ବାଇକ୍, ଚାଳକ ମୃତ

**ଫିରିଙ୍ଗିଆ, ୨୫।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଜାଜେସପାଙ୍ଗା ଗାଁ ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଫିରିଙ୍ଗିଆ ଥାନା ପାଙ୍ଗା ପଞ୍ଚାୟତ ମାଲା ଗାଁର ସୁବର୍ଣ୍ଣ କହଁର। ମୃତକ ଜଣକ ବିଦ୍ୟୁତ ବିଭାଗରେ ଜଣେ ହେଲପର ଭାବରେ କାର୍ଯ୍ୟ କରୁଥିଲେ। ରବିବାର ସକାଳୁ ଫିରିଙ୍ଗିଆ ଅଞ୍ଚଳରେ ଝିପିଝିପି ବର୍ଷା ଲାଗିରହିଥିବା ସମୟରେ ମୃତକ ଜଣକ ବାଇକରେ ନୂଆପଦରରେ ଥିବା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ନିଜ କାମରେ ଯୋଗଦେବା ପାଇଁ ଯାଉଥିଲେ। ହେଲେ ସେ ଭାରସାମ୍ୟ ହରାଇବାରୁ ଫିରିଙ୍ଗିଆ ସାଡିଙ୍ଗିଆ ମୁଖ୍ୟ ରାସ୍ତାର ଜାଜେସପାଙ୍ଗା ନିକଟ ରାସ୍ତା ପାର୍ଶ୍ୱରେ ଥିବା ଏକା ଆମ୍ବ ଗଛରେ ବାଇକ ପିଟି ହୋଇଯାଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ମୃତଦେହକୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏଥିନେଇ ମାଲା ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୌଣସି ଶବ ବାହକ ଗାଡି ନ ଥିବାରୁ ମୃତକଙ୍କ ପରିବାର ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥଲା।

## ● କଂଗ୍ରେସର ନୂଆ ଟିମ୍ ଘୋଷଣା

# ଦୀପକ ହେଲେ ନଗର ସଭାପତି



**ଜି.ଉଦୟଗିରି, ୨୫।୨(ସମିସ):** ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ କଂଗ୍ରେସ ତରଫରୁ ନୂଆ ଟିମ ଘୋଷଣା କରାଯାଇଛି। ଜି. ଉଦୟଗିରି କଂଗ୍ରେସର ନଗର ସଭାପତି ଭାବେ ଦୀପକ କୁମାର ପ୍ରଧାନ (ଡୁଲୁ), ବ୍ଲକ ସଭାପତି ଭାବେ ସଦାନନ୍ଦ ନାୟକ, ଜିଲ୍ଲା ସାଧାରଣ ସଂପାଦକ ଯାକେଶ ପ୍ରଧାନ ଏବଂ ମଧୂଲିନା ଦିଗାଲଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲା ସଂପାଦକ ଭାବେ ସୂର୍ଯ୍ୟକାନ୍ତ ନାୟକ ଏବଂ ଅଞ୍ଜୁମ ଅହମ୍ମଦଙ୍କ ନାମ ଘୋଷଣା କରାଯାଇଛି।

# ଓଡ଼ିଶା ଡ୍ରାଇଭର ମହାସଂଘର ବନ୍ଧୁମିଳନ




**ଫିରିଙ୍ଗିଆ, ୨୫।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶିନୀପଦରସ୍ଥିତ ବରାଳଦେବୀ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ଡ୍ରାଇଭର ମହାସଂଘ ଫିରିଙ୍ଗିଆ ଶାଖାର ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଡ୍ରାଇଭର ମହାସଂଘ କାଶିନୀପଦର ପଞ୍ଚାୟତ ସଭାପତି ସଦାନନ୍ଦ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକ ସଭାପତି ସାମନ୍ତ କୁମାର ସାହୁ ମୁଖ୍ୟଅତିଥି, ସଂଘର ବ୍ଲକ ଉପସଭାପତି ବଂଶୀଧର ସାହୁ, ସମ୍ପାଦକ ରମାକାନ୍ତ ପ୍ରଧାନ, ବ୍ଲକ ଆଡମିନ ଉମାକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ସଭାପତି ମାନୁଏଲ ଦିଗାଲ ପରିଚାଳନା କରିଥିବା ବେଳେ କାଶିନୀପଦର ପଞ୍ଚାୟତ ଉପସଭାପତି ଗାନ୍ଧୀ ଦିଗାଲ, ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ଧିରେନ ଦିଗାଲ, ସହସମ୍ପାଦକ କାଳିଆ ଦିଗାଲଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବରାଳ ଦେବୀ ମନ୍ଦିରରୁ ଉହାଜୁର୍ଗା ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ଏହା ପରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ସାମ୍ବାଦିକ ସୁନାସିର ଦିଗାଲ ଓ ମୃତ୍ୟୁଞ୍ଜୟ ଦିଗାଲଙ୍କ ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଡ୍ରାଇଭରଙ୍କୁ ସମ୍ମାନିତ କରାଯିବା ସହ ବ୍ଲକର ଏକମାତ୍ର ମହିଳା ଡ୍ରାଇଭର ସାଡୀଙ୍ଗିଆର ରଶ୍ମିତା ସାହୁଙ୍କୁ ସଙ୍ଘ ତରଫରୁ ସମ୍ମାନିତ କରାଯାଇଥିଲା।

# ବାର୍ହା କାମୁଡ଼ାରେ ବାଳକ ଗୁରୁତର

**ଫିରିଙ୍ଗିଆ, ୨୫।୨(ସମିସ):** ବାରହା ଆକ୍ରମଣରେ ଜଣେ ୧୧ବର୍ଷର ବାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ପଂଚାୟତ ଗିରିଡିଖୋଲ ଗ୍ରାମରେ ଏହି ଘଟଣା ଘଟିଛି। ରବିବାର ଅପରାହ୍ନରେ ସୁବନ ମଲ୍ଲିକ(୧୧) ଘର ଆଗରେ ଖେଳୁଥିବା ସମୟରେ ବାରହା ହଠାତ ତାକୁ ଆକ୍ରମଣ କରିଥିଲା। ଗୁରୁତର ଆହତ ବାଳକକୁ ପରିବାର ଲୋକେ ପ୍ରଥମେ ଗୋଛାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଫୁଲବାଣୀ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା

**ପାରଳାଖେମୁଣ୍ଡି, ୨୫।୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଆଡଗାଁ କ୍ଲଷ୍ଟରର ଶିକ୍ଷଣ ସାମଗ୍ରୀ ମେଳା ଆରିବା ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଗୋଷାଣି ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଏନ୍.ବିମଳ ଓ ଶିକ୍ଷକ ପ୍ରଶିକ୍ଷିକା ଏ.ସନ୍ଧ୍ୟାରାଣୀ ମେଳାକୁ ଉଦଘାଟନ କରିଥିଲେ। ସିଆରସିସି ପି.ଭେଙ୍କେଟେଶ୍ୱରଲୁଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ଉକ୍ତ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରାୟ ଦୁଇଶହ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ସଭାରେ ଅତିଥିମାନେ ଶ୍ରେଣୀଗୃହରେ ଶିକ୍ଷଣ ସାମଗ୍ରୀର ବ୍ୟବହାର ବିଷୟରେ ବୁଝାଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ବେଣୁଗୋପାଳ ପାଢ଼ୀ, ପ୍ରଫୁଲ୍ଲ କୁମାର ରଥ ଓ ପି.ମୋହନରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ନୂତନ ଜିଲ୍ଲା କଂଗ୍ରେସ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା

**ଫୁଲବାଣୀ, ୨୫।୨(ସମିସ):** କନ୍ଧମାଳ ଜିଲ୍ଲା ସଦର ମହକୁମା ସ୍ଥିତ ସ୍ଥାନୀୟ ମାଷ୍ଟରପଡ଼ା ନିକଟସ୍ଥ ନେତାଜୀ କ୍ଲବରେ ନୂତନ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡ଼ାଙ୍କ ପ୍ରତିନିଧିତ୍ୱରେ ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ କନ୍ଧମାଳ ଜିଲ୍ଲା କଂଗ୍ରେସର ବରିଷ୍ଠ ଉପ ସଭାପତି ୯ଜଣ, ଉପ ସଭାପତି ଭାବେ ୮ଜଣ, ସାଧାରଣ ସମ୍ପାଦକ ଭାବେ ୧୧ଜଣ, ସମ୍ପାଦକ ଭାବେ୧୮ ଜଣ, କାର୍ଯ୍ୟକାରୀ ସଦସ୍ୟ ଭାବେ୧୨ଜଣ, ନିମନ୍ତ୍ରିତ ସଦସ୍ୟ ସମସ୍ତ ଫ୍ରଣ୍ଟ ସଂଗଠନ ଏବଂ ବ୍ଲକ ସଭାପତି ଭାବେ ୧୨ଜଣ, ନଗର ସଭାପତି ଭାବେ ୩ ଜଣଙ୍କ ସହ ୧୮ ଜଣ ଜୋନ ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ନିର୍ବାଚନ କମିଶନରଙ୍କ ଗାଇଡଲାଇନ ଅନୁସରଣ କରିବା ଉପରେ ଆଲୋକପାତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଡିସିସି ସଭାପତି ଅନାମ ନାୟକ, ବରିଷ୍ଠ ନେତା ହେମନ୍ତ କର, ଓକିଲ ବିଜୟ କୁମାର ମହାନ୍ତି, ନନ୍ଦ କିଶୋର ଦାସ, ରଜତ କୁମାର ମହାନ୍ତି, ଗୌର ଚରଣ ବେହେରା, ସଞ୍ଜୟ କୁମାର କହଁର, ଏଆଇସିସି ସଦସ୍ୟ ଘନ କୁମାର ଶବର, ଓକିଲ ରଜତ କୁମାର ମହାନ୍ତି, ସାଧାରଣ ସମ୍ପାଦକ ବସନ୍ତ ପାଢ଼ୀ, ନଗର ସଭାପତି ଶିବ ଶଙ୍କର ବେହେରା, ସୋସିଆଲ ମିଡିଆ ଜିଲ୍ଲା କଂଗ୍ରେସ କମିଟି ଅଧ୍ୟକ୍ଷ ବଳଦେବ ବେହେରା ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସ୍ପର୍ଶରେ ଯୁବକ ମୃତ

# ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

**ପାରଳାଖେମୁଣ୍ଡି, ୨୫।୨(ସମିସ)**

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବାଟିସିରିପୁର ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ ପରିବାର ଅତି ଗରିବ ହୋଇଥିବାରୁ ସହାୟତା ପ୍ରଦାନ ନିମନ୍ତେ ୩୨୬-ଏ ଜାତୀୟ ରାଜପଥ ଅନ୍ତର୍ଗତ ଉପଲଡା ଗ୍ରାମସ୍ଥିତ ପାୱାର୍ ହାଉସ ସମ୍ମୁଖରେ ଚାରି ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ବାଟିସିରିପୁର ଗ୍ରାମର ସୁରବାରାପୁ ନାଗେଶ୍ୱରଙ୍କ ଏକ ମାତ୍ର ପୁତ୍ର ଏସ୍. ଯୋଗେଶ୍ୱର ରାଓ (୨୩) ରବିବାର ସକାଳେ ସଜନା ଗଛରୁ ଛୁଇଁ ବାହାର କରିବାକୁ ଯାଇଥିଲେ। ସଜନା ଗଛ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାରର ଅତି ନିକଟରେ ରହିଥିଲା। ଯୋଗେଶ୍ୱର ଛୁଇଁ ବାହାର କରିବାକୁ ଚେଷ୍ଟା କଲା ବେଳେ ଗଛର ଡାଳ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲା। ଏଥିରେ ଯୋଗେଶ୍ୱରଙ୍କୁ ଗୁରୁତର ଆଘାତ କରିଥିଲା। ଗ୍ରାମବାସୀ



ତଥା ପରିବାର ଲୋକେ ଯୋଗେଶ୍ୱରଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ଧରି ବାଟିସିରିପୁର ଗ୍ରାମ ଅଭିମୁଖେ ଗ୍ରାମବାସୀ ବାହାରିଥିଲେ। କିନ୍ତୁ ଉପଲଡା ଗ୍ରାମରେ ଥିବା ପାୱାର୍ ହାଉସ ତଥା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖ ୩୨୬-ଏ ଜାତୀୟ ରାଜପଥରେ ମୃତଦେହ ରଖି ସହାୟତା ପ୍ରଦାନ ଏବଂ ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସି ପ୍ରତିଶ୍ରୁତି ଦେବା ଦାବି କରି ଚାରିଘଣ୍ଟାରୁ ଅଧିକ ସମୟ ଧରି ରାସ୍ତାରୋକ କରିଥିଲେ। ପ୍ରଥମେ ଗୁରାଣ୍ଡି ଥାନା ଅଧିକାରୀ ଶ୍ରୀ ପାତ୍ର ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଓ ପାରଳାଖେମୁଣ୍ଡି ଏସଡ଼ିପିଓ ମାଧବାନନ୍ଦ ନାୟକ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଅବରୋଧକାରୀ ନିଜ ଜିଦ୍‌ରୁ ହଟିନଥିଲେ। ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷ ଆସି ପ୍ରତିଶ୍ରୁତି ଦେଲେ ହିଁ ରାସ୍ତା ଅବରୋଧରୁ ହଟିବୁ ବୋଲି ଉତ୍ତ୍ୟକ୍ତ ଲୋକେ କହିଥିଲେ। ପ୍ରାୟ ତିନିଘଣ୍ଟା ପରେ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ପାଢ଼ୀ ଏବଂ କନିଷ୍ଠଯନ୍ତ୍ରୀ ପହଞ୍ଚିଥିଲେ। ବିଭାଗ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତାରୋକରୁ ହଟିଥିଲେ ଉତ୍ତ୍ୟକ୍ତ ଲୋକେ। ଜିଲ୍ଲା ପ୍ରଶାସନ ତରଫରୁ ରେଡକ୍ରସ ପାଣ୍ଠିରୁ ଅର୍ଥରାଶି ପ୍ରଦାନ କରାଯାଇଛି। ଏପରି ହଠାତ ରାସ୍ତାରୋକ ଯୋଗୁଁ ପାରଳାଖେମୁଣ୍ଡି-ମୋହନା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ଏଥି ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।



## ପଞ୍ଚାୟତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଜଗନ୍ନାଥପ୍ରସାଦ,୨୫ ।୨(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା କାଦୁଆ ପଞ୍ଚାୟତ ମଙ୍ଗରାଜପୁର ଗୋପୀନାଥ ସ୍ୱାମୀ ନୋଡାଲ ବିଦ୍ୟାପୀଠ ବ୍ଲକସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛି। କାଦୁଆ ଗୋପୀନାଥ ସ୍ୱାମୀ




ନୋଡାଲ ବିଦ୍ୟାପୀଠ ପାଇଥିବା ବେଳେ ଚନ୍ଦ୍ରଶେଖର ବାଳିକା ଉଚ୍ଚ ବିଦ୍ୟାଳୟ ବିଡ଼ିପୁର, ଉଦୟନାଥ ନୋଡାଲ ବିଦ୍ୟାପୀଠ ଛାମୁଣ୍ଡା ଏବଂ ନିତ୍ୟାନନ୍ଦ ପଣ୍ଡା ନୋଡାଲ ବିଦ୍ୟାପୀଠରୁ ଗୋଟିଏ ଲେଖାଏଁ ଛାତ୍ରଛାତ୍ରୀ ୧୦ହଜାର ଟଙ୍କା ଅର୍ଥ ପୁରସ୍କାର ରାଶି ସହ ମାନପତ୍ର ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରୁ ଗ୍ରହଣ କରିଛନ୍ତି। ତତସହିତ ବ୍ଲକସ୍ତରରେ ୧୦୪ଜଣ ଛାତ୍ରଛାତ୍ରୀ ବ୍ଲକ ଏକାଡେମୀକ ଆୱାର୍ଡ ସହିତ ୫ହଜାର ଟଙ୍କା ଓ ୫୯ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ଲିଡରସିପ ଆୱାର୍ଡ ଓ ୩ହଜାର ଟଙ୍କା ପାଇଛନ୍ତି। ପ୍ରାଥମିକ ବିଦ୍ୟାଳୟସ୍ତରରେ ମଳିଙ୍ଗି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ମଞ୍ଜେଶ୍ୱରୀ ପ୍ରଧାନଙ୍କୁ ଏଲିମେଣ୍ଟାରୀ ଶିକ୍ଷା ଆୱାର୍ଡ ଏବଂ ୨୫ହଜାର ଟଙ୍କା ପୁରସ୍କୃତ ରାଶି ସହ ମାନପତ୍ର ପ୍ରଦାନ କରାଯାଇଛି। ସେହିପରି ଭାବେ ବ୍ଲକରୁ ତିନୋଟି ପ୍ରାଥମିକ /ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ତିନୋଟି ମଧ୍ୟାମିକ ବିଦ୍ୟାଳୟକୁ ୨୫ହଜାର ଟଙ୍କା ପୁରସ୍କୃତ ରାଶି ଏବଂ ମାନପତ୍ର ପ୍ରଦାନ କରାଯାଇଛି। ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ପ୍ରଥମ ସ୍ଥାନରେ ଥିବା ପାଲାପଡ଼ା ପ୍ରାଥମିକ ବିଦ୍ୟାଳୟ ଓ ମାଧ୍ୟମିକ ସ୍ତରରେ ପ୍ରଥମ ସ୍ଥାନରେ ଥିବା ଗୋପୀନାଥ ସ୍ୱାମୀ ନୋଡାଲ ବିଦ୍ୟାପୀଠ, କାଦୁଆ, ମଙ୍ଗରାଜପୁରର ପ୍ରଧାନ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଆୱାର୍ଡ ଜିଲ୍ଲା ଶିକ୍ଷାଧିକାରୀ ଏବଂ ଜଗନ୍ନାଥ ପ୍ରସାଦ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ କଲ୍ୟାଣୀ ପାଢ଼ୀଙ୍କ ଉପସ୍ଥିତରେ ଦିଆଯାଇଛି।

## ପୁରାତନ କୋଠାରେ ଚାଲିଛି ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ଗୋଷାଣି,୨୫ ।୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପୁରାତନ କୋଠାରେ ଚାଲିଥିବା ବେଳେ କର୍ମଚାରୀଙ୍କ ଲାଗି ବାସଗୃହ ନ କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସରକାରୀ କାର୍ଯ୍ୟାଳୟ, ବାସଗୃହର ନୂତନ କୋଠା ନିର୍ମାଣ କାର୍ଯ୍ୟ ନିମନ୍ତେ ପ୍ରତି ବିଭାଗରେ ବିଭାଗୀୟ ଯନ୍ତ୍ରୀ ନିୟୋଜିତ ହୋଇଥାନ୍ତି। ସେମାନଙ୍କ କାମ ହେଉଛି ଯେ, କୋଠାବାଡ଼ିର ସମୀକ୍ଷା କରିବା। ବିପଦସଙ୍କୁଳ ଅବସ୍ଥାରେ ଥିବା ସରକାରୀ କାର୍ଯ୍ୟାଳୟ କିମ୍ବା ବାସଗୃହ ସରକାରଙ୍କୁ ଜଣାଇବା। ହେଲେ କିଛି ଉଦାସୀନ ମନୋବୃତ୍ତିର ଅଧିକାରୀଙ୍କ ଲାଗି ସରକାରଙ୍କ ସମସ୍ତ ଯୋଜନା ଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନି। ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିଛି ୧୪ ବାସଗୃହ। ସେଥିରୁ ୪ଟି ବାସଗୃହ ୫୦ ବର୍ଷର ପୁରୁଣା। ସେସବୁ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ଏହି ଗୃହରେ ସ୍ୱାସ୍ଥ୍ୟକର୍ମୀ ଓ ଅଧିକାରୀ ଦୀର୍ଘବର୍ଷ ହେବ ରହିଆସୁଛନ୍ତି। ବର୍ଷାହେଲେ ବାସଗୃହରୁ ପାଣି ଗଳିବା ଯୋଗୁ



ଉପରେ ପଲିଥିନ ପକାଇ ରହୁଛନ୍ତୁ। ଗାଧୋଇବା ଘର ଠିକ ନଥିବା ସହ ପାଣି ଗଳିବା ସମୟରେ ବିଦ୍ୟୁତ ସର୍ଟ୍‌ସର୍କିଟ ହେଉଛି। ଦୀର୍ଘ ବର୍ଷର କୋଠା ହୋଇଥିବାରୁ କାନ୍ଥରୁ ସିମେଣ୍ଟ ଖସି ତଳେ ପଡୁଥିବା ବେଳେ ନିଜେ କର୍ମଚାରୀ ଏହାକୁ ବାରମ୍ବାର ମରାମତି କରୁଛନ୍ତି। ଆଖପାଖ ଅଞ୍ଚଳ ପରିଷ୍କାର ନଥିବା ଯୋଗୁଁ ମଶାମାଛିଙ୍କ ଉପଦ୍ରବ ବଢ଼ୁଛି। ଏଭଳି ସ୍ଥିତିରେ ନିଜକୁ ଅସୁରକ୍ଷିତ ମଣିବା ସହ ଜୀବନ ପ୍ରତି ବିପଦ ରହିଥିବା କର୍ମଚାରୀ କହିଛନ୍ତି। ଏ ସମ୍ପର୍କରେ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡା. ପତିତପାବନ ବାରିକଙ୍କ ସମେତ ଷ୍ଟାଫନର୍ସ ମୋନାଲିସା ସେଠୀ ଜଣାଇଛନ୍ତି। ସରକାରୀ ବାସଗୃହର ଏହିପରି ଅବସ୍ଥା ରହିଥିବା କାରଣରୁ ଏକାଧିକ ସ୍ୱାସ୍ଥ୍ୟକର୍ମୀ ଓ ଅଧିକାରୀ ସେହି ବିପଦପୂର୍ଣ୍ଣ ବାସଗୃହରେ ରହୁନାହାନ୍ତି। ଯେଉଁମାନେ ବି ରହୁଛନ୍ତି ନିଜ ଭାଗ୍ୟକୁ ଆଦରି ରହୁଛନ୍ତି। ତେଣୁ ସେମାନେ ଅଖପାଖ ଅଞ୍ଚଳରେ ରହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାତାୟାତ କରୁଛନ୍ତି। ଏଥିଯୋଗୁଁ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୧୦ ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ। ସମସ୍ୟା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ପାତ୍ରଙ୍କୁ ପ୍ରଶ୍ନ କରାଯିବାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ତଥା ମରାମତି, ବିଦ୍ୟୁତ୍ ସଂଯୋଗୀକରଣ ଏବଂ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନୂତନ ରୂପ ଦେବା ପାଇଁ ଗତବର୍ଷ ପ୍ରାୟ ୧୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରାଜ୍ୟ ଅନୁଦାନ ପାଣ୍ଠିରୁ ଆସିଛି। ପୂର୍ତ୍ତ ବିଭାଗ ଏହାକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁମୋଦନ ନିମନ୍ତେ ପଠାଇଛି। ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି।

## ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ପୁସ୍ତକ ମେଳା ଉଦ୍‌ଯାପିତ

**ଫୁଲବାଣୀ, ୨୫ ।୨(ସମିସ):** ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଚତୁର୍ଦ୍ଦଶ ପୁସ୍ତକ ମେଳା



ଶୁକ୍ରବାର ଉଦଯାପିତ ହୋଇଛି। ଉଦଯାପନ ଉତ୍ସବରେ ଫୁଲବଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନର ଏହି ସଫଳତା ପାଇଁ ଏହାର କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ଜିତେନ୍ଦ୍ର ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଓ ଗବେଷକ ଶ୍ରୀରଙ୍ଗ ନାୟକ ଯୋଗ ଦେଇ ଫୁଲବାଣୀର ପୁରାତନ ଐତିହ୍ୟକୁ ଲୋକଙ୍କ ନିକଟରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ସମ୍ପାଦକ ଡ. କାହ୍ନୁଚରଣ ଶତପଥୀ ପରିଚାଳନା କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଭା ଓ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ମେଳାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶେଷରେ ଅନୁଷ୍ଠାନର ଉପସଭାପତି ସୂଜିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପାରିବାରିକ ହିଂସା ଆଇନ ଆଲୋଚନାଚକ୍ର

**ଛତ୍ରପୁର, ୨୫ ।୨(ସମିସ):** ଛତ୍ରପୁରସ୍ଥିତ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ପାରିବାରିକ ହିଂସା ସୁରକ୍ଷା ଆଇନ ଉପରେ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀ ଓ ଆଲୋଚନାଚକ୍ରର ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ସାମନ୍ତରାୟଙ୍କର ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଯୁବ ଆଇନଜୀବୀ ରଞ୍ଜନ ମହାପାତ୍ର ଯୋଗଦେଇ ଘରୋଇ ହିଂସା ଓ ନିର୍ଯ୍ୟାତନା ବୃଦ୍ଧି ପାଇବାରେ ଲାଗିଛି ସତ କିନ୍ତୁ ପାରିବାରିକ ହିଂସା ଆଇନ, ୨୦୦୫(୨୦୦୫ର ୪୩)ର ଧାରା-୯(ଖ) ଓ ଧାରା-୩୭ ମହିଳାମାନଙ୍କୁ ସୁରକ୍ଷା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ପାରିବାରିକ ହିଂସା ମାମଲା ଗୁଡିକର ଅନୁଧ୍ୟାନ କରି ପିଡିତାଙ୍କୁ ଭରଣପୋଷଣ କିମ୍ବା କ୍ଷତିପୂରଣ ତଥା ନ୍ୟାୟ ପ୍ରଦାନ ଦିଗରେ ପଦକ୍ଷେପ ରହିଛି ବୋଲି କହିଛନ୍ତି। ସେହିପରି ଆଇନଜୀବୀ ସନ୍ତୋଷ କୁମାର ସାହୁ, ନରସିଂହ ପାଢ଼ୀ, କୃଷ୍ଣଚନ୍ଦ୍ର ସାହୁ, ସୁରଜିତ ସାମନ୍ତରାୟ ପ୍ରମୁଖ ପାରିବାରିକ ହିଂସା ସୁରକ୍ଷା ଆଇନ ଉପରେ ଯୁବ ଆଇନଜୀବୀମାନଙ୍କୁ ଆଇନର ସମସ୍ତ ଧାରା ଉପରେ ଆଲେକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରାମଚନ୍ଦ୍ର ବେହେରା, ଦିଲ୍ଲୀପ ପଟ୍ଟନାୟକ, ବିଶ୍ୱଭୂଷଣ ପାଢ଼ୀ, ଡମିନାଥ ସାହୁ, ସୁରେଶ ସେନାପତି, ଶିବପ୍ରସାଦ ସାହୁ, ରାମକୃଷ୍ଣ ଦାଶ, ସନ୍ତୋଷ ପଶୁପାଳକ, ବାବୁ ନାହାକ, ମୋହନ ରେଡ୍ଡୀ, ଏସ୍.ଶ୍ୟାମ କୁମାର ରାଓ, ପ୍ରଶାନ୍ତ ମହାନ୍ତି, ଜିତୁନ ପାଢ଼ୀ, ସୁରେଶ ପଟ୍ଟନାୟକ, ସୁରେନ୍ଦ୍ର ପଣ୍ଡା, ସୁଧାଂଶୁ ବେହେରା, ଲସିତ ବେହେରା, ରାଜେନ୍ଦ୍ର ବେହେରା, ଜଗଦୀଶ ନାୟକ, ଆଇ.ଚିନ୍ତାମଣୀ, ସରିତା ମହାକୁଡ, ଅପସରା ଜାନ୍ ଓ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଫେଇ କର୍ମଚାରୀ ସଂଘର ବୈଠକ

**ଖଲ୍ଲିକୋଟ,୨୫ ।୨(ସମିସ):** ସ୍ଥାନୀୟ ଅମରେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ହିନ୍ଦ୍ ମଜଦୁର ସଭା (ଏଚଏମଏସ) ସହିତ ଅନୁବନ୍ଧିତ ଓଡ଼ିଶା ଠିକା ସଫେଇ କର୍ମଚାରୀ ମଜଦୁର ସଭା ଖଲ୍ଲିକୋଟ ଶାଖାର



ସାଧାରଣ ପରିଷଦ ବୈଠକ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଏଚଏମଏସର ଉପସଭାପତି ରବି ରଥ, ସମ୍ପାଦକ ରାଜେନ୍ଦ୍ର ଦାଶ, ଅରୁଣ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ରାଜୀବ ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ରହି କର୍ମଚାରୀମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଉପସଭାପତି ଶ୍ରୀ ରଥ ଓଡ଼ିଶାର ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ୨୦୧୩ ମସିହାରୁ ସଂଶୋଧନ କରାଯାଇନଥିବାରୁ ଏହି କର୍ମଚାରୀମାନେ ନିଜ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ କର୍ମଚାରୀମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା ପାଇଁ ଦାବି କରିଥିଲେ। ବୈଠକରେ ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ କରିବା, ଇପିଏଫଓ, ଇଏସଆଇ କର୍ମଚାରୀ କ୍ଷେତ୍ରରେ ଲାଗୁ କରିବା, ପୋଷାକ ଭତ୍ତା ଏବଂ କର୍ମଚାରୀମାନଙ୍କ ସ୍ଥାୟୀତ୍ୱ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଆଗାମୀ ଦୁଇ ବର୍ଷ ପାଇଁ ଠିକା ସଫେଇ ମଜଦୁର ସଭା କର୍ମକର୍ତ୍ତା ନିର୍ବାଚନ କରାଯାଇ ବିପିନ ବିହାରୀ ସାମନ୍ତ ସଭାପତି, ପୂର୍ଣ୍ଣଚନ୍ଦ୍ର ବେହେରା ସାଧାରଣ ସମ୍ପାଦକ, ରାଜୀବ ଖାଡ଼ଙ୍ଗା କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯିବା ସହିତ ୧୧ ଜଣଙ୍କୁ ନେଇ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଖୁବଶୀଘ୍ର କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ସଭାପତି ଶ୍ରୀ ବେହେରା କହିଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ, ୩ ଗୁରୁତର

**ଖଲ୍ଲିକୋଟ, ୨୫ ।୨(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ମଥୁରା ନିକଟରେ ରବିବାର ପୂର୍ବାହ୍ନ ୧୧ଟାରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଭୁବନେଶ୍ୱରର ମିଥୁନ କୁମାର ସାହୁ (୨୨) ଓ ଆସିକାର ଅନୀଲ କୁମାର ପାତ୍ର (୨୧)ଏକ ଭୋଜି କାର୍ଯ୍ୟରେ ଯୋଗ ଦେବା ପାଇଁ ବାଇକ ଯୋଗେ ଆସିକା ଅଭିମୁଖେ ଯାଉଥିଲେ। ତାଙ୍କ ଆଗରେ ଯାଉଥିବା ଏକ କାରକୁ ମଥୁରା ବଡ ଶଙ୍ଖ ଠାରେ ଓଭରଟେକ କରୁଥିବାବେଳେ ସାମନା ପଟୁ ନାଇକାନିପଲ୍ଲୀରୁ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ଆଉ ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଅନୀଲ ଓ ମିଥୁନ ରାସ୍ତା ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ନାଇକାନିପଲ୍ଲୀ ଗ୍ରାମର ଟୁନା ଖୁଣ୍ଟିଆ(୨୬) ବାଇକରୁ ଛିଟିକି ରାସ୍ତା କଡରେ ଥିବା ଏକ ବୁଦା ମୂଳରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଆହତ ମାନଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା।

## ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍

**ଛତ୍ରପୁର, ୨୫ ।୨(ସମିସ):** ଛତ୍ରପୁର ଜାତୀୟ ରାଜପଥ ନିକଟ ମା ଉଜଳେଶ୍ୱରୀ ମନ୍ଦିର ପାର୍ଶ୍ୱରେ ଭାରସାମ୍ୟ ହରାଇ ଓଲଟିଲା ଟ୍ରକ। ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଟ୍ରକ କୌଣସି କାରଣ ବସତଃ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଏଥିରେ କିଏ ଆହାତ ହୋଇନଥିବା ବେଳେ ଗାଡିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ପୋଲିସ୍ ପହଞ୍ଚି ଗାଡିକୁ ଉଦ୍ଧାର କରିଛି।

## ମଦମୁକ୍ତି ଯୁବ ବାହିନୀର ପ୍ରଭାତଫେରି କାର୍ଯ୍ୟକ୍ରମ

**ଛତ୍ରପୁର, ୨୫ ।୨(ସମିସ):** ମଦମୁକ୍ତି ସମାଜ ଗଠନ କରିବା ପାଇଁ ରବିବାର ମଦମୁକ୍ତି ଯୁବ ବାହିନୀ ପକ୍ଷରୁ ଏକ ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଦମୁକ୍ତି ଯୁବ ବାହିନୀର ସଦସ୍ୟ ମାନେ ସରକାରଙ୍କ ମଦ ବିକ୍ରିକୁ ବିରୋଧ କରିବା ସହିତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ମଦ ଦୋକାନ ଗୁଡିକୁ ଦିଆଯାଇଥିବା ସମସ୍ତ ସରକାରୀ ଲାଇସେନ୍ସ ପ୍ରତ୍ୟାହାର କରିବା, ଓଡ଼ିଶାକୁ ମଦମୁକ୍ତି ଘୋଷଣା ଓ ତାର କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଓ ଆନ୍ଦୋଳନ କାରୀଙ୍କ ଉପରେ ହେଉଥିବା ଆକ୍ରମଣ ଏବଂ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ




ସ୍ଥାନୀୟ ଅପର ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏଥିରେ ରୋଟାରି କ୍ଲବ ସଭାପତି ନିରଞ୍ଜନ ପାତ୍ର, ହିମାଂଶୁ ଶେଖର ନାୟକ, ମନୋଜ କୁମାରସାହୁ, ସଞ୍ଜୟ କୁମାର ମହାନ୍ତି, ବୁଲୁ ସେଠୀ, ଜିତୁ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଧ୍ୟାନ ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ଘଟିଥାଏ

**ରମ୍ଭା,୨୫ ।୨(ସମିସ):** ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପ୍ରଜ୍ଞା ଭବନ ପରିସରରେ ଭିଡ଼ିଓ ଶିବିର ମାଧ୍ୟମରେ ଶିବ କୃପାନନ୍ଦ ସ୍ୱାମୀଜୀଙ୍କ ସାନିଧ୍ୟରେ ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ପାଖରେ ଧ୍ୟାନ ଓ ସଂସ୍କାର ଦ୍ୱାରା ଲୋକମାନଙ୍କର ଚତୁର୍ପାର୍ଶ୍ୱ ସକରାତ୍ମକ ଆଭା ମଣ୍ଡଳ ସର୍ବାଙ୍ଗୀନ ଉନ୍ନତି ହୁଏ ଏବଂ ନକାରାତ୍ମକ ଶକ୍ତି ଦୂର ରୁହେ। ବର୍ତ୍ତମାନ ଯୁବକ ଗୋଷ୍ଠୀ ଅନେକ କୁପଥଗାମୀରୁ ବର୍ତ୍ତିବା ପାଇଁ ହେଲେ ଧ୍ୟାନ କରିବା ଆବଶ୍ୟକ। କାରଣ ଧ୍ୟାନ କରିବା ଦ୍ୱାରା ଆତ୍ମବିକାଶ ବୃଦ୍ଧି ଘଟିଥାଏ। ତତ ସହିତ ବସୁଧେବ କୁଟୁମ୍ବକଂର ପରିକଳ୍ପନା ସମ୍ଭବ ହୋଇପାରିବ ବୋଲି ଓଡ଼ିଶା ପ୍ରମୁଖ ସସ୍ମିତା ଦାସ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ କବିତା ମଙ୍ଗରାଜ, ଉମାକାନ୍ତ ସାହୁ ଓ ମାନସ ରଞ୍ଜନ ମଙ୍ଗରାଜ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଆଧ୍ୟାତ୍ମିକ ସଂସ୍ଥାର ଆଧ୍ୟାତ୍ମିକବାଦୀ, ଶ୍ରଦ୍ଧାଳୁ, ସାମିଲ ହୋଇଥିଲେ। ଯୋଗଗୁରୁ ରବୀନ୍ଦ୍ର କୁମାର ବେହେରା, ଅକ୍ଷୟ କୁମାର ସୁବୁଦ୍ଧି, ପଞ୍ଚାନନ ଖଟୁଆ, ଶରତ ଦାସ, ସୁଜ୍ଞାନୀ ପଟ୍ଟନାୟକ, ଉମେଶ ମହାନ୍ତି, ରାମଚାନ୍ଦ୍ର ବାଡ଼ତ୍ୟା, ଶିକ୍ଷାବିତ, ବୁଦ୍ଧିଜୀବୀ ସମେତ ଅନେକ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ।

## ସରକାରୀ ଯୋଜନା ପ୍ରଚାରରେ ୫୪ ଲୋକକଳା ଦଳ

**ଭଞ୍ଜନଗର,୨୫ ।୨(ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ଲୋକକଳା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା କରାଯାଉଛି। ଯାହା ଫଳରେ ସେମାନେ ସମସ୍ତ ସରକାରୀ ସୁବିଧା ସୁଯୋଗର ଲାଭ ପାଇପାରିବେ। ଏହି ଅବସରରେ ଭଞ୍ଜନଗର ବ୍ଲକ ତରଫରୁ ୫୪ଟି ଦଳ ଭାରତଲୀଳା, ପ୍ରହ୍ଲାଦ ନାଟକ, ପଶୁ ମୁଖା ନୃତ୍ୟ, ଗାହଣ, ଦାସକାଠି, କଣ୍ଢେଇ ନାଚ, ସଂକୀର୍ତ୍ତନ, ଭଜନ ମଣ୍ଡଳୀ, ଦଣ୍ଡ ନାଚ, ଲୋକ ବାଦ୍ୟ, ଘଣ୍ଟୁଆ ଦଳ, ମୃଦଙ୍ଗ ବାଦ୍ୟ ଭଳି ଲୋକ କଳା ସାହାଯ୍ୟରେ ବର୍ତ୍ତମାନ ସୁଦ୍ଧା ଭଞ୍ଜନଗର ବ୍ଲକର ୧୩୭ଟି ରାଜସ୍ୱ ଗ୍ରାମ ବୁଲିବା ସହ ନିଜ କଳା ପରିବେଷଣ କରି ସରକାରଙ୍କର ୧୫ ଗୋଟି ବହୁମୁଖୀ ଯୋଜନାକୁ ଲୋକଲୋଚନକୁ ଆଣିବାରେ ସଫଳ ହୋଇଛନ୍ତି। ଏଥିପାଇଁ



ପ୍ରତ୍ୟେକ କଳାକାରଙ୍କୁ ସରକାରଙ୍କ ପକ୍ଷରୁ ଦିନକୁ ପାରିଶ୍ରମିକ ବାବଦରେ ୮ଶହ ଟଙ୍କା ଏବଂ ଯାତାୟାତ ଖର୍ଚ୍ଚ ଓ ଖାଦ୍ୟ ନିମନ୍ତେ ଅଧିକ ୩ଶହ ଟଙ୍କା ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମକୁ ନେଇ କଳାକାରମାନେ ବେଶ ଉତ୍ସାହିତ ଥିବା ବେଳେ ସରକାରୀ ଯୋଜନାର ପ୍ରଚାର ଓ ପ୍ରସାର ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣାପଡ଼ିଛି।

## ଲୋକକଳା ମାଧ୍ୟମରେ ସଚେତନତା

**ବୁଗୁଡ଼ା, ୨୫ ।୨(ସମିସ):** ସ୍ଥାନୀୟ ବ୍ଲକ କଳା ଓ ସଂସ୍କୃତି ସଂଘ ପକ୍ଷରୁ ଲୋକକଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ସମ୍ପର୍କରେ



ସଚେତନତା ସୃଷ୍ଟି କରାଯାଇଛି। ସେହିପରି ମମତା ଯୋଜନା, ଲକ୍ଷ୍ମୀ ବସ୍ ସେବା, ଫସଲ ବୀମା, ପେନ୍‌ସନ ଯୋଜନା, ଆମ ବ୍ୟାଙ୍କ୍ ପ୍ରଭୃତି ଜନମଙ୍ଗଳକାରୀ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଯାଉଛି। ବୁଗୁଡ଼ା ବିଡିଓ ସନ୍ତୋଷ କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ସାମାଜିକ ସୁରକ୍ଷା ଅଧିକାରୀ ସୁପ୍ରିୟା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସଂଘ ଉପସଭାପତି ଜଟେଶ୍ୱର ବିଷୋୟୀ ୪୫ଟି ଲୋକନୃତ୍ୟ ଦଳକୁ ନେଇ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। କାର୍ଯ୍ୟକ୍ରମରେ ବାଘ ବୃଷଭ, ଘଣ୍ଟ, ଯୋଡ଼ି ଶଙ୍ଖ, ଚଇତି ଘୋଡ଼ା, ରାମ ଲୀଳା, ପ୍ରହ୍ଲାଦ ନାଟକ, ଦାଶ କାଠିଆ, ଭାରତ ଲୀଳା, ଢୋଲ ଚାଙ୍ଗୁ, ଘଟ କଳସୀ, ନାମ ସଂକୀର୍ତ୍ତନ ଆଦି ଦଳ ଭାଗ ନେଇ ନିଜ ନିଜର କଳା ନୈପୁଣ୍ୟତା ପ୍ରଦର୍ଶନ କରୁଛନ୍ତି। ବ୍ଲକ ପ୍ରଶାସନର କର୍ମଚାରୀ ମାନେ ସହଯୋଗ କରୁଥିବା ବେଳେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ସୂଚନା ଦେବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ କହିଛନ୍ତି।

## ନିଖିଳ ଓଡ଼ିଶା ପନ୍ଦରା ସମାଜ ବୈଠକ

**ପୋଲସରା, ୨୫ ।୨(ସମିସ):** ଗଞ୍ଜାମ ଜିଲ୍ଲା ଆଠଗଡ଼ ତାଲୁକା ପନ୍ଦରା ସମାଜର ଏକ ବୈଠକ ରବିବାର ଡୁଙ୍କାପଡ଼ା ଗ୍ରାମ ସ୍ଥିତ ପନ୍ଦରା ସମାଜ କୋଠ ଘରେ ଆୟୋଜିତ ହୋଇଯାଇଛି। ପନ୍ଦରା ସମାଜ ସଭାପତି ରତ୍ନାକର ବାଡ଼ତ୍ୟାଙ୍କ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଂଘର ସମ୍ପାଦକ ବାର୍ଷିକ ବିବରଣୀ ପଠନ କରିଥିଲେ। ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ମକର୍ତ୍ତା ମାନେ ଆଲୋଚନା କରିଥିଲେ। ସମସ୍ତ ସଦସ୍ୟ ଅନଲାଇନ୍ ରେଜିଷ୍ଟ୍ରେସନ କରିବାକୁ ଆହ୍ୱାନ କରାଯାଇଛି। ଏଥିସହ ବିବାହରେ ସଂଘର ସଂସ୍କାର ମାନି ଚଳିବାକୁ ପରାମର୍ଶ ଦିଆଯାଇଥିଲା। ସଂଘର ସଙ୍ଘୀୟ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ପ୍ରବାସୀ ପନ୍ଦରା ଓଡ଼ିଆ ମାନଙ୍କୁ ସଂଗଠିତ କରିବା ଉଦ୍ଦେଶ୍ୟରେ ସୁରଥରେ ନିଖିଳ ଗୁଜୁରାଟ ପନ୍ଦରା ସମାଜ ଗଠନ ଉପରେ ଆଭିମୁଖ୍ୟ ରଖାଯାଇଥିଲା।



ଏହି କାର୍ଯ୍ୟକ୍ରମରେ ଗୁଜୁରାଟ ପନ୍ଦରା ସମାଜ ସଭାପତି ଅଶୋକ କୁମାର ବାଡ଼ତ୍ୟା, ନିଖିଳ ଓଡ଼ିଶା ସମ୍ପାଦକ ଚନ୍ଦ୍ର ଶେଖର ବାଡ଼ତ୍ୟା, କୋଷାଧ୍ୟକ୍ଷ ଚିରଞ୍ଜିବୀ ବାଡ଼ତ୍ୟା, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭଗବାନ ବାଡ଼ତ୍ୟା, ସୁକାନ୍ତ ବାଡ଼ତ୍ୟା, ଗଞ୍ଜାମ ଜିଲ୍ଲା ସଭାପତି ଅଶୋକ କୁମାର ବାଡ଼ତ୍ୟା, ଉପସଭାପତି ହୃଷୀକେଶ ବାଡ଼ତ୍ୟା, ସମ୍ପାଦକ ପ୍ରମୋଦ କୁମାର ବାଡ଼ତ୍ୟା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ବାଡ଼ତ୍ୟା, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ତ୍ରିଲୋଚନ ବାଡ଼ତ୍ୟା, ଆଠଗଡ଼ ତାଲୁକା ସଭାପତି ରତ୍ନାକର ବାଡ଼ତ୍ୟା, ମହିଳା ସଭାନେତ୍ରୀ ସଂଯୁକ୍ତା ବାଡ଼ତ୍ୟା, ଉପସଭାପତି କୃଷ୍ଣଚନ୍ଦ୍ର ବେହେରା, ସମ୍ପାଦକ ହରି ମୋହନ ବାଡ଼ତ୍ୟା, କୋଷାଧ୍ୟକ୍ଷ ତୋଫାନ ବାଡ଼ତ୍ୟା, ସଙ୍ଗଠନ ସଭ୍ୟ ଅଶୋକ କୁମାର ବାଡ଼ତ୍ୟାଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ।

ସଫଳ ଚାଷୀ ଝଡ଼ିଆ

## ମଧୁମେହ ପିଜୁଳି ଦେଇଛି ପରିଚୟ

**ରମ୍ଭା, ୨୫ ।୨(ସମିସ):** ନିଜ ଅଞ୍ଚଳରେ କାମ ନ ମିଳିବାରୁ ଯୁବଗୋଷ୍ଠୀ ପ୍ରବାସୀ ଶ୍ରମିକ ଭାବେ ରାଜ୍ୟ ବାହାରକୁ ଚାଲିଯାଉଛନ୍ତି। ହେଲେ ନିଜର ଆତ୍ମବିଶ୍ୱାସ ଓ ଦୃଢ଼ ପରିଶ୍ରମ ବଳରେ ଜଣେ ଯୁବ ଚାଷୀ ନିଜ କ୍ଷେତରେ ଥାଇଲାଣ୍ଡ ଏପଲ ବେରୀ, ମଧୁମେହ ପିଜୁଳି ଫଳାଇ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରମ୍ଭା ଥାନା ଅନ୍ତର୍ଗତ କଣ୍ଟାପଡ଼ା ଗ୍ରାମର ଚାଷୀ ଝଡିଆ ନାହାକ। ନିଜର ୩



ଏକର ଜମିରେ ଥାଇଲାଣ୍ଡ ଏପଲ ବେରୀ, ମଧୁମେହ ପିଜୁଳି, ମିକସିଙ୍ଗ କାକୁଡି, ମଲଚିଙ୍ଗ କଲରା, ରଙ୍ଗୀନ ଫୁଲକୋବି, କଳା ଜାମୁ, ଲାଉ ଜହ୍ନି ମିଶ୍ରିତ ଚାଷ କରିଛନ୍ତି। ଯାହାକୁ ତାଙ୍କୁ ଭିନ୍ନ ପରିଚୟ ଦେଇଛି। କିନ୍ତୁ ଅମଳ ଉତ୍ପାଦ ସୁରକ୍ଷିତ ରଖିବା, ଶୀତଳ ଭଣ୍ଡାର ନ ଥିବା ଓ ବଜାର ସୃଷ୍ଟି ପାଇଁ ଉପାୟ ହୋଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ବିଲରେ ଏକାଧିକ ଫସଲ ସମ୍ଭାର ଟମାଟ, ଡିଜିଟାଲ କଖାରୁ, ଗାଜର ଭଳି ଅନେକ ପ୍ରକାର ଚାଷ ହେଉଥିବା ବେଳେ ନୂଆ ପରିଚୟ ସହ ଉତ୍ତମ ରୋଜଗାର ପାଉଛନ୍ତି। ତେବେ ଦୁଆର ମୁହଁରୁ ବଣିଜ ବେପାର ହୋଇପାରୁନଥିବାରୁ ବେଳେବେଳେ କ୍ଷେତରେ ଅମଳ ହୋଇ ବଗ ଖାଇବା ସହ ପଚିସଡ଼ି ନଷ୍ଟ ହେଉଥିବା ଲକ୍ଷ୍ୟ କରାଯାଇଛି। ଏହା ସହିତ କୁହୁଡି କାରଣରୁ ମଧ୍ୟ କ୍ଷତି ହେଉଛି। ଜଳସେଚନ ବ୍ୟବସ୍ଥା ସହିତ ହେକ୍ଟର ହେକ୍ଟର ଜମିରେ ତାର ଜାଲି ବାଡ଼, ପଲିଥିନ ଆଚ୍ଛାଦାନ ବ୍ୟବସ୍ଥା ଓ ସମ୍ପୂର୍ଣ୍ଣ ଜୈବିକ ସାରରେ କୀଟନାଶକ ମୁକ୍ତ ଫଳ ଅମଳ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ନିଜର ଥାଇଲାଣ୍ଡ ଏପଲ ବେରୀ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରିଥିଲେ ମଧ୍ୟ ଅନ୍ୟାନ୍ୟ ଆନୁଷଙ୍ଗିକ ଚାଷ ପାଇଁ ପ୍ରଶାସନିକ ସହଯୋଗ ମିଳିଲେ ସେ ଅଧିକ ଲାଭବାନ ହୋଇପାରନ୍ତେ ବୋଲି ଝଡ଼ିଆ କହିଛନ୍ତି।

